## ସଂକ୍ଷେପରେ

### ତେନ୍ତୁଳିଖୁଣ୍ଟି ଥାନାରେ ନୂଆ ଆଇଆଇସିଙ୍କ ଯୋଗଦାନ

ତେନ୍ତୁଳିଖୁଣ୍ଟି,୭।୮ (ଚିଦାନନ୍ଦ ସାହୁ)



ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନାରେ ସୋମବାର ନୂତନ ଆଇଆଇସି ଅଭିମନ୍ୟୁ ଦୁର୍ଗା ଯୋଗଦେଇଛନ୍ତି। ଆଇଆଇସି ଟଙ୍କଗିରି ଭୋଇଙ୍କ ବଦଳି ପରେ ଏହି ପଦବୀ ଖାଲି ଥିଲା। ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀ ଅଭିମନ୍ୟୁ ଦୁର୍ଗାଙ୍କୁ ତେନ୍ତୁଳିଖୁଣ୍ଟି ଥାନା ସହ ଖାତିଗୁଡା ଥାନା ଦାୟିତ୍ୱ ଦେଇଛନ୍ତି। ଅଭିମନ୍ୟୁ ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ଦାୟିତ୍ୱ ନେବା ପରେ ଆଇନଶୃଙ୍ଖଳା ଠିକ ରଖିବା, ଅପରାଧ ନିୟନ୍ତ୍ରଣ ଲାଗି ପଦକ୍ଷେପ ନେବେ ବୋଲି କହିଛନ୍ତି।

### ଚିକିତ୍ସାରେ ଅର୍ଥ ବାଧକ କେହି ନେଉ ନାହାନ୍ତି ଦାୟିତ୍ୱ, ଜିଲା ପ୍ରଶାସନ ନିରବ



ତେନ୍ତୁଳିଖୁଣ୍ଟି, ୭।୮ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜା ବାରଙ୍ଗ ପଦର ପଞ୍ଚାୟତ ଖାତିଗୁଡା ଗ୍ରାମର ଗଙ୍ଗାଧର ଓ ସୁରେଖା କୁମ୍ଭାରଙ୍କ ଝିଅ ରେବତୀଙ୍କ ଚକ୍ଷୁ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଏହି ଖବର ପ୍ରକାଶ ପରେ ଗତ ୩୦ ତାରିଖରେ ଜିଲା ଚିକିତ୍ସାଧିକାରୀ ତାଙ୍କୁ ଜିଲା ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଏଠାରେ ଚିକତ୍ସା ହୋଇ ପାରିବନି ଭୁବନେଶ୍ୱର ନେବାକୁ ପଡିବ କହି ଘରେ ଛାଡି ଦେଇଛନ୍ତି। ସିଡିଏମଓ କାଳି ପ୍ରସାଦ ବେହେରା କହିଥିଲେ, ରେବତୀଙ୍କ ଚିକିତ୍ସା ପାଇଁ ଇନ୍ଦ୍ରାବତୀ ଚକ୍ଷୁ ଚିକିତ୍ସାଳୟକୁ ନେବୁ ସେଠାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏଠାରେ ତାଙ୍କର ଚକ୍ଷୁର ଚିକିତ୍ସା ନ ହୋଇ ପାରିଲେ ଭୁବନେଶ୍ୱର ପଠାଇବା ବ୍ୟବସ୍ଥା କରାଯିବ। ଆମେ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବୁ। କିନ୍ତୁ ଏବେ ଭୁବନେଶ୍ୱର ଏଲଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟକୁ ରେଫର କରି ଛାଡି ଦେଇଛନ୍ତି। ଷ୍ଟେଫାୟଲମ ରୋଗର ଶିକାର ହୋଇଥିବା ଉଲ୍ଲେଖ କରିଛନ୍ତି। କେହି ଦାୟିତ୍ୱ ନେଉ ନାହାନ୍ତି। ଜିଲା ପ୍ରଶାସନ ଜାଣି ନୀରବ ରହିଛି । ସେପଟେ ରେବତୀଙ୍କ ନାମ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ନ ଥିବାର ସ୍ୱାସ୍ଥ୍ୟ ବୀମାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ତାଙ୍କ ଚିକିତ୍ସା ଖର୍ଚ୍ଚ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ବହନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

### ହୃଦ୍‌ଘାତରେ ଖବରଦାତାଙ୍କ ମୃତ୍ୟୁ

ଗୁଣୁପୁର, ୭।୮ (ପ୍ରଦୀପ କୁମାର ପାଢ଼ୀ )

ରାୟଗଡା ଜିଲା ଗୁଣପୁରଠାରେ କାର୍ଯ୍ୟରତ ଖବରଦାତା ରବୀନ୍ଦ୍ର ନାଥ ମୋହିନୀଙ୍କ ବିଶାଖପାଟଣାର ଏକ ଘରୋଇ ହସ୍ପିଟାଲରେ ସୋମବାର ସକାଳେ ମୃତ୍ୟୁ ଘଟିଛି। ରବୀନ୍ଦ୍ରଙ୍କ ପେଟବ୍ୟଥା ହେବା ଯୋଗୁଁ ଗତ କିଛିଦିନ ତଳେ ସେ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ହଠାତ ହୃଦଘାତରେ ସକାଳେ ମୋହିନୀଙ୍କ ମୃତ୍ୟୁ ହୋଇଛି । ତାଙ୍କ ମରଶରୀରକୁ ବିଶାଖପାଟଣାରୁ ପୁରୀ ନେଇ ସ୍ୱର୍ଗଦାରରେ ଅନ୍ତିମ ସଂସ୍କାର କରାଯାଇଛି।

# ହସ୍ତାନ୍ତର ପ୍ରକ୍ରିୟା ବିଳମ୍ବ, ସମାଧାନ ହେଉନି ଛାତ୍ରୀଛାତ୍ରଙ୍କ ସମସ୍ୟା

■ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ
■ ବିଦ୍ୟାଳୟ ଖୋଲିବା ଦିନୁ ବିଜ୍ଞାନ ପାଠ ପଢ଼ିନାହାନ୍ତି ଛାତ୍ରୀଛାତ୍ର

ତେନ୍ତୁଳିଖୁଣ୍ଟି,୭।୮ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲାପାଳଙ୍କ ହସ୍ତକ୍ଷେପ ପରେ ପ୍ରକଳ୍ପ ପରିଚାଳିତ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ଗଣଶିକ୍ଷା ବିଭାଗକୁ ହସ୍ତାନ୍ତର କାର୍ଯ୍ୟ ୧୬।୬।୨୩ରେ ହେବାକୁ ଧାର୍ଯ୍ୟ ହୋଇଥିଲା। ମାତ୍ର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ପରେ ଏହା ହସ୍ତାନ୍ତର ହେବ ବୋଲି ଜିଲା ଶିକ୍ଷାଧିକାରୀ ପ୍ରଦୀପ ନାଗ କହିଛନ୍ତି । ଇତି ମଧ୍ୟରେ ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ କର୍ତ୍ତୃପକ୍ଷ କିମ୍ବା ଜିଲା ଶିକ୍ଷାଧିକାରୀ ନାଗ କିଛି କରିନାହାନ୍ତି। କେବଳ ଟିଜିଟି କଳା ଶିକ୍ଷକ ୨ ଜଣ , ପିଇଟି ସପ୍ତାହକୁ ଦୁଇ ଦିନ, କ୍ଲାସିକାଲ ଶିକ୍ଷକ ଓ ହିନ୍ଦୀ ଶିକ୍ଷକଙ୍କୁ ତିନି ଦିନ ଲେଖାଏ ଉକ୍ତ ବିଦ୍ୟାଳୟକୁ ଡେପୁଟେସନ କରି ଜିଲା ଶିକ୍ଷାଧିକାରୀ ଚୁପ ରହିଛନ୍ତି। ବିଦ୍ୟାଳୟରେ ଠିକା ଭିତ୍ତିରେ ଅପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ମୁଖ୍ୟ ନିର୍ମାଣଯନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ତିନି ଜଣ ଟିଜିଟି ବିଜ୍ଞାନ ଶିକ୍ଷକଙ୍କ ଚୁକ୍ତି ଗତ ମେ ୬ରେ ଶେଷ ହେବା ପରେ ଆଉ ସେମାନଙ୍କ ନବୀକରଣ ହୋଇପାରିନି। କିଏ ନବୀକରଣ କରିବେ ପ୍ରକଳ୍ପ କର୍ତ୍ତୃପକ୍ଷ କିମ୍ବା ଜିଲା ଶିକ୍ଷାଧିକାରୀ କେହି ସ୍ଥିର କରିପାରୁନାହାନ୍ତି। ଏହି ତିନି ଶିକ୍ଷକଙ୍କ ଠିକା ନିଯୁକ୍ତି ମୁଖ୍ୟ ନିର୍ମାଣଯନ୍ତ୍ରୀ ୟୁଆଇଏଚଇପି ଖାତିଗୁଡା କରିଥିଲେ। ମାତ୍ର ଓଡିଶା ଜଳ ବିଦ୍ୟୁତ ନିଗମ ସେମାନଙ୍କୁ ଦରମା ଦେଉଥିଲେ। ବର୍ତ୍ତମାନ ଓଏଚପିସି ଇନ୍ଦ୍ରାବତୀ ପ୍ରକଳ୍ପ ପରିଚାଳନାରୁ ଓହରି ବାର୍ଷିକ ୫୦:୫୦ ହାରରେ ଉଭୟ ଜଳସମ୍ପଦ ଓ ଓଏଚପିସି ପ୍ରକଳ୍ପ ପାଇଁ ଖର୍ଚ୍ଚ କରିବେ। ସେହି ସ୍ଥିତିରେ ଏହି ୩ ଶିକ୍ଷକଙ୍କ କିଏ ନବୀକରଣ କରିବ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଯେହେତୁ ବର୍ତ୍ତମାନଯାଏ ବିଦ୍ୟାଳୟ ପରିଚାଳନା ପ୍ରକଳ୍ପ ଅଧୀନରେ ରହିଛି ଏବଂ ଜଳ ସମ୍ପଦ ବିଭାଗ ଓ ଏଚପିସି ବାର୍ଷିକ ୫୦:୫୦ରେ ପ୍ରକଳ୍ପ ଚଳାଇବେ ସେହି ଦୃଷ୍ଟିରୁ ଟିଜିଟି ବିଜ୍ଞାନ ଶିକ୍ଷକଙ୍କ ନବୀକରଣ ପ୍ରକଳ୍ପ କର୍ତ୍ତୃପକ୍ଷ କରିବେ ବୋଲି ସ୍ଥିର ହେବ କଥା। ଓଏଚପିସି ଚୁକ୍ତିଭିତ୍ତିରେ ନିଯୁକ୍ତ ଶିକ୍ଷକଙ୍କ ଚୁକ୍ତି ନବୀକରଣ କରି ଗତବର୍ଷ ଭଳି ଏବର୍ଷ ମଧ୍ୟ ଦରମା ଦେବାରେ କିଛି ଅସୁବିଧା ନାହିଁ ବୋଲି ଆଲୋଚନା ହେଉଛି।

ଅନ୍ୟପକ୍ଷରେ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଉପରକୁ ଦାୟିତ୍ୱ ଖସାଇ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସଞ୍ଜୀବ ଭତ୍ରା ନୀରବ ରହିଛନ୍ତି। ବିଜ୍ଞାନ ଶିକ୍ଷକ ଅଭାବରୁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ଶିକ୍ଷା ବିଦ୍ୟାଳୟ ଖୋଲିବା ପରଠାରୁ ସମ୍ଭବ ହୋଇପାରିନି। ରାଜ୍ୟ ସରକାର ୨୦୦୯ରେ କରିଥିବା ନିୟମ ଅନୁସାରେ ଚୁକ୍ତିଭିତ୍ତିରେ ନିଯୁକ୍ତ ସମସ୍ତ ବିଭାଗର ସବୁ କ୍ୟାଡ଼ର ଗେଜେଟେଡ୍‌ଙ୍କୁ ଛାଡି ଅନ୍ୟ ସମସ୍ତଙ୍କ ଚାକିରୀ ୬ବର୍ଷ କାର୍ଯ୍ୟ କରିଥିଲେ ସମ୍ପୃକ୍ତ କର୍ମଚାରୀଙ୍କୁ ନିୟମିତ କରାଯିବ। ଏହି ଦୃଷ୍ଟିରୁ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟରେ ୨୦୧୧ରୁ ଏହି ତିନି ଶିକ୍ଷକ ନିୟମିତ କାର୍ଯ୍ୟ କରି ଆସୁଛନ୍ତି। ଏମାନଙ୍କୁ ଇନ୍ଦ୍ରାବତୀ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଯିଏ ବି ହୁଅନ୍ତୁ ସେ ୟୁଆଇଏଚଇପି ହୁଅନ୍ତୁ ଅବା ଇନ୍ଦ୍ରାବତୀ ଡ୍ୟାମ ସର୍କଲ ହେଉ ନିୟମିତ କରିବା ଉଚିତ। ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସଞ୍ଜୀବ ଭତ୍ରା ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଟିଜିଟି ଶିକ୍ଷକଙ୍କ ସମ୍ପର୍କରେ କିଛି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୦।୭।୨୦୧୮ରେ ତତ୍କାଳୀନ ପ୍ରମୁଖ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବଙ୍କ ସମେତ ୮ଟି ବିଭାଗର ସଚିବଙ୍କ ଉପସ୍ଥିତିରେ ପ୍ରକଳ୍ପ ପରିଚାଳିତ ବିଦ୍ୟାଳୟ ଓ ମେଡ଼ିକାଲ ଯଥାକ୍ରମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ହସ୍ତାନ୍ତର ହେବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଏହା ଏଯାଏ କାହିଁକି କାର୍ଯ୍ୟକାରୀ ହୋଇନାହିଁ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଆଗାମୀ ୧୫ ଦିନ ମଧ୍ୟରେ ଛାତ୍ରୀଛାତ୍ରଙ୍କ ସମସ୍ୟା ସମାଧନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ହୋଇଥିବା ଜଣାପଡିଛି।

# ନବରଙ୍ଗପୁରରେ ଭାରତ ବନ୍ଦ ପାଳନ



ମାଝିଗୁଡା ଛକଠାରେ ରାସ୍ତା ଅବରୋଧ କରାଯାଇଛି।

ନବରଙ୍ଗପୁର,୭।୮ (ସଦାଶିବ ପ୍ରହରାଜ)

ଆଦିବାସୀ ଏକତା ପରିଷଦ, ଭାରତ ମୁକ୍ତି ମୋର୍ଚ୍ଚା ଓ ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ମାଝିଗୁଡା ଛକଠାରେ ସୋମବାର ଭାରତ ବନ୍ଦ ପାଳନ କରାଯାଇଛି । ଏହି ଅବସରରେ ଜାତୀୟ ରାଜପଥରେ ବ୍ୟାନର ଧରି ବିଭିନ୍ନ ଦାବି ନେଇ ସ୍ଲୋଗାନ ଦିଆଯିବା ସହ ୨ ମିନିଟ୍ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଫଳରେ ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା । ୟୁନିୟନ ସିଭିଲ କୋର୍ଡ ଆଇନ ଲାଗୁ କରିବା, ଜଙ୍ଗଲ ଜମି ଆଇନ ପୂର୍ବ ଭଳି ରହିବା, ଭାରତ ମାଳା ନିର୍ମାଣରେ ଆଦିବାସୀଙ୍କ ସମସ୍ୟା, ମଣିପୁର ସମସ୍ୟା, ଭାଷା ସଂସ୍କୃତିର ସୁରକ୍ଷା ଆଦିର ସ୍ଲୋଗାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପରିଷଦର ଅଧ୍ୟକ୍ଷ ଦାମୋଦର ପୂଜାରୀ, ଭାରତ ମୁକ୍ତି ମୋର୍ଚ୍ଚା ସମ୍ପାଦକ ନରହରି ନାୟକ, ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ମାଝି, ବିଦ୍ୟାର୍ଥୀ ପରିଷଦ ଜିଲା ସଭାପତି ଟିଙ୍କା ଭତରା, ପ୍ରକାଶ ଭତରା, ଅନିଲ କୁମାର ଦାସ, ବୃନ୍ଦାବନ ନାୟକ, ସରୋଜ ନାୟକ, ତ୍ରିନାଥ କୁଳଦୀପ, ତ୍ରିନାଥ ମାଝୀ, ଲିଙ୍ଗରାଜ ନାୟକ ଓ ଡମ୍ବୁସିଂ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦର ବନ୍ଦ ପାଳନ



ଆଦିବାସୀ ଏକତା ପରିଷଦ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାୟଗଡା,୭।୮ ( ଭାଗ୍ୟଶ୍ରୀ ମିଶ୍ର )

ମଣିପୁରର କୁକି ସଂପ୍ରଦାୟର ଆଦିବାସୀ ମହିଳାଙ୍କୁ ଉଚିତ ନ୍ୟାୟ ପ୍ରଦାନ ଦାବିରେ ଏବଂ ଏଭଳି ଘୃଣ୍ୟ ଓ ଜଘନ୍ୟ ଅପରାଧ ଘଟାଇଥିବା ସମସ୍ତ ଅପରାଧୀଙ୍କୁ ତୁରନ୍ତ ଚିହ୍ନଟ କରି ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା ନିମନ୍ତେ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ସୋମବାର ଭାରତ ବନ୍ଦ ପାଳନ କରାଯାଇଛି। ଆଦିବାସୀ ଏକତା ପରିଷଦ କର୍ମକର୍ତ୍ତା ସ୍ଥାନୀୟ କପିଳାସ ରୋଡ଼ଠାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସକାଳ ୮ରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯାଇ ବନ୍ଦ ପାଳନ କରାଯାଇଥିଲା। ଆନ୍ଦୋଳନକାରୀମାନେ ସମସ୍ତ ଯାନବାହନକୁ ଅଟକାଇ ରଖିଥିଲେ। ଏହାପୂର୍ବରୁ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଜିଲା ପ୍ରଶାସନ ଅଦ୍ୱକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲା ସମ୍ପାଦକ ପ୍ରୀତମ କୁମାର ଖରାଙ୍କ ନେତୃତ୍ୱରେ ସୋମବାର ବିକ୍ଷୋଭ ପ୍ରଦର୍ଶନ ହୋଇଛି । ଧର୍ମେନ୍ଦ୍ର ନାୟକ, କୋଟେସ ଗାଣ୍ଡା, ନିରଞ୍ଜନ ବିଡ଼ିକା, ପୁରେନ୍ଦ୍ର ନାୟକ, ଭୀମ ସେନ ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ମଣିପୁରରେ ଏଭଳି ଘୃଣ୍ୟ ଓ ଜଘନ୍ୟ ଅପରାଧ ପାଇଁ ଭାରତ ସାରା ବିଶ୍ୱରେ ନିନ୍ଦିତ ହୋଇଛି ବୋଲି କୁହାଯାଇଛି ।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ମରଚ୍ୟୁରି ମେଶିନ ସଜାଡିବାକୁ ଦାବି

ନବରଙ୍ଗପୁର, ୭।୮ (ସଦାଶିବ ପ୍ରହରାଜ)

ସସ୍ମିତା ଖିଲୋ ନାମକ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ରବିବାର ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ସସ୍ମିତାଙ୍କ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଶବ ଗୃହରେ ଅବ୍ୟବସ୍ଥା ନେଇ ସସ୍ମିତାଙ୍କ ସମ୍ପର୍କୀୟମାନେ ଅଭିଯୋଗ ଉଠାଇଛନ୍ତି। ରବିବାର ସନ୍ଧ୍ୟାରୁ ମୃତଦେହ ବ୍ୟବଛେଦ ପାଇଁ ଆଣିଥିଲେ ମଧ୍ୟ ସୋବାର ସକାଳୁ ମୃତଦେହ ବ୍ୟବଚ୍ଛେଦ ଲାଗି ସମ୍ପର୍କୀୟମାନେ ବାରମ୍ବାର ଡାକିବା ପରେ ଡାକ୍ତର ଆସିଥିଲେ। ପୂର୍ବାହ୍ନ ୧୦ଟା ବେଳେ ମୃତଦେହ ବ୍ୟବଚ୍ଛେଦ ସରିଥିଲା। ବ୍ୟବଚ୍ଛେଦ ପରେ ଏହାକୁ ନେବାକୁ ଜିଲା ସଦର ମହକୁମା ଚିକିତ୍ସାଳୟରେ ମହାପ୍ରୟାଣ ଗାଡି ନ ଥିଲା। ଇତି ମଧ୍ୟରେ ସସ୍ମିତାଙ୍କ ସମ୍ପର୍କୀୟମାନେ ନିଜେ ମୃତଦେହ ନେବାକୁ ପ୍ରସ୍ତୁତ ହେଉଥିବା ସମୟରେ ଡାବୁଗାଁ ଡାକ୍ତରଖାନାରୁ ମଗାଯାଇଥିବା ମହାପ୍ରୟାଣ ଗାଡି ଆସିଥିଲା। ସେହି ଗାଡିରେ ପ୍ରାୟ ୧୨ଟା ବେଳେ ମୃତଦେହ ଗ୍ରାମକୁ ନିଆଯାଇଥିଲା। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ କେବଳ ଗୋଟିଏ ମାତ୍ର ମହାପ୍ରୟାଣ ଗାଡି ରହିଛି। ସେହି ଗୋଟିଏ ଗାଡି କେଣସି ମୃତଦେହ ନେଇ ଯାଇଥିବା ବେଳେ ଡାକ୍ତରଖାନାରେ ଅନ୍ୟ ମୃତକଙ୍କ ସମ୍ପର୍କୀୟମାନେ ସବୁ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ଗୃହରେ ମୃତଦେହକୁ ସତେଜ ରଖିବା ପାଇଁ ସାଧାରଣତଃ ମରଚ୍ୟୁରି ମେଶିନ ସଂଯୋଗ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାୟ ୧ ବର୍ଷ ହେବ ମରଚ୍ୟୁରି ମେଶିନ ଖରାପ ହୋଇପଡିଥିବାରୁ ମୃତଦେହ ପୋଚି ଗନ୍ଧ ହେଉଛି। ଫଳରେ ଡାକ୍ତରମାନେ ମୃତଦେହ ବ୍ୟବଛେଦ କରିବାକୁ ସହଜରେ ରାଜି ହେଉ ନ ଥିବା ମୃତକଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି । ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟର ଶବ ବ୍ୟବଚ୍ଛେଦ ଗୃହରେ ଥିବା ମରଚ୍ୟୁରିର ମରାମତି ଓ ଆଉ ଗୋଟିଏ ମହାପ୍ରୟାଣ ଗାଡି ବ୍ୟବସ୍ଥା କରିବାକୁ ଦାବି ହୋଉଛି।

## ବନ ବିଭାଗ ଦ୍ୱାରା ଅଜଗର ଉଦ୍ଧାର

ପାପଡାହାଣ୍ଡି/ମଇଦଲପୁର, ୭।୮
(ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ଦାସ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତ ଗୁଜୁମାପଦର ଗ୍ରାମରୁ ସୋମବାର ବନ ବିଭାଗ ଏକ ଅଜଗର ସାପ ଉଦ୍ଧାର କରିଛି । ଅପରାହ୍ନ ୩ଟାରେ ଗୁଜୁମାପଦର ଗାଁ ଭିତରକୁ ଏହି ଅଜଗର ସାପଟି ଚାଲି ଆସିଥିଲା। ଗ୍ରାମବାସୀ ଦେଖି ମଇଦଲପୁର ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ବନବିଭାଗ ଅଧିକାରୀ ମଧୁସୂଦନ ପାତ୍ର ଓ କର୍ମଚାରୀମାନେ ଗାଁକୁ ଆସି ସାପକୁ ଉଦ୍ଧାର କରିଥିଲେ । ଉଦ୍ଧାର ହୋଇଥିବା ଅଜଗରର



ଓଜନ ୮ କେଜି, ୯ ଫୁଟ ଲମ୍ବା ଥିବା ବେଳେ ବୟସ ୨ରୁ ତିନି ବର୍ଷ ହେବ। ସାପର ସ୍ୱାସ୍ଥ୍ୟ ପରୀକ୍ଷା କରି ସୁରକ୍ଷିତ ସ୍ଥାନରେ ଛଡ଼ାଯିବ ବୋଲି ବନ ବିଭାଗ ସୂଚନା ଦେଇଛି। ଉଦ୍ଧାର କାର୍ଯ୍ୟରେ ବନ କର୍ମଚାରୀ ବସନ୍ତ ନାୟକ, ଝାଡେଶ୍ୱର ନାୟକ, ଜୟନ୍ତ ମାଝୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ମୋ ଘର ଯୋଜନାରେ ଋଣ ପ୍ରଦାନ

ଭଞ୍ଜନଗର,୭।୮ (ବାବୁଲା ପ୍ରଧାନ):

ମୋ ଘର ଯୋଜନାରେ ସୋମବାର ଭଞ୍ଜନଗର ବ୍ଲକର ଜଣେ ହିତାଧିକାରୀ ପିଛା ୩ଲକ୍ଷ ଟଙ୍କା ହିସାବରେ ୧୬ଜଣ ହିତାଧିକାରୀଙ୍କୁ ୪୮ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ଏନେଇ ବ୍ଲକ ଭିଡ଼ିଓ କନଫରେନ୍ସ ହଲରେ ଋଣ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ନିଲମ୍ବନର ୨ ମାସ ପରେ ବି ହସ୍ତାନ୍ତର କରୁନାହାନ୍ତି କାଗଜପତ୍ର

**ଅର୍ଥ ଆତ୍ମସାତ ଅଭିଯୋଗରେ ଡାଙ୍ଗସୋରଡା ଲ୍ୟାମ୍ପସ୍ ଏମ୍‌ଡି ନିଲମ୍ବିତ**

ଚନ୍ଦ୍ରପୁର, ୭।୮ (ବିଜୟ ପ୍ରସାଦ ଉଲ୍ଲାକା)

ଅର୍ଥ ଆତ୍ମସାତ ଅଭିଯୋଗରେ ଚନ୍ଦ୍ରପୁର ବ୍ଲକ୍ ଡାଙ୍ଗସୋରଡା ପଞ୍ଚାୟତ ସଦର ମହକୁମାରେ ଥିବା ସମବାୟ ବିଭାଗ ଲ୍ୟାମ୍ପସ୍ ଏମ୍‌ଡି ଜିତେନ୍ଦ୍ର କୁମାର ନିସାଲ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ଚଳିତ ବର୍ଷ ୨୨–୨୩ରେ ଖରିଫ ଚାଷ ସମୟରେ ଲ୍ୟାମ୍ପସକୁ ଚାଷୀଙ୍କ ପାଇଁ ଆସିଥିବା ସାର, ବିହନ ନ ଦେଇ ୧୦ ଲକ୍ଷ ୩୮ ହଜାର ୧୧୧ ଟଙ୍କା ଆତ୍ମସାତ କରିଥିବା। ଏପରିକି ଚାଷୀଙ୍କୁ ଚାଷ ଋଣ ଦେବାରେ ମଧ୍ୟ ଅବହେଳା କରୁଥିବା ନେଇ ବହୁ ଚାଷୀ ଅଭିଯୋଗ କରିଥିଲେ। ଶେଷରେ ଲ୍ୟାମ୍ପସର ସଭାପତି, ବୋର୍ଡ଼ ଡ଼ାଇରେକ୍ଟର ସମୂହ ଏ ନେଇ ଗୁଣୁପୁର ଏଆରସିଏସ୍ ଥିଓପିଲ ଶବରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ଏହାର ତଦନ୍ତ କରି ଜିତେନ୍ଦ୍ର ନିସାଲଙ୍କୁ ଅର୍ଥ ଆତ୍ମସାତ ଅଭିଯୋଗରେ ଜୁନ ୨୭ତାରିଖରେ କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାପଡିଛି। ପରେ ଡାଙ୍ଗସୋରଡା ଲ୍ୟାମ୍ପସର ଏମ୍‌ଡି ଦାୟିତ୍ୱ ଥିବା ରଞ୍ଜିତ କୁମାର ଦାସଙ୍କୁ ସମ୍ପୂର୍ଣ୍ଣ ନଥିପତ୍ର ହସ୍ତାନ୍ତର କରିବା ପାଇଁ ଗୁଣପୁର ଏଆରସିଏସ୍ ପତ୍ର ସଂଖ୍ୟା ୧୩୦୩, ତା ୨୭।୬।୨୩ ରିଖରେ ଏକ ଲିଖିତ ଚିଠି ପ୍ରଦାନ କରିଥିଲେ। ବର୍ତ୍ତମାନ ସୁଦ୍ଧା ବକେୟା ଅର୍ଥ ଜମା ନ କରିବା ସହ ଚିଠି ଅନୁଯାୟୀ, ସମ୍ପୃକ୍ତ କର୍ମଚାରୀଙ୍କୁ କୌଣସି ନଥିପତ୍ର ହସ୍ତାନ୍ତର କରି ନ ଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଏମଡି ରଞ୍ଜିତ କୁମାର ଦାସଙ୍କୁ ପଚାରିବାରୁ ବକେୟା ଅର୍ଥ ଜମା ନ କଲେ ଚାଷୀଙ୍କୁ ସାର ମିଳିପାରିବ ନାହିଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଚନ୍ଦ୍ରପୁର ଭଳି ଆଦିବାସୀ ଅଧ୍ୟୁସିତ ଅଞ୍ଚଳର ଡାଙ୍ଗସୋରଡା ପଞ୍ଚାୟତ ସଦର ମହକୁମାରେ ସମବାୟ ବିଭାଗର ଲ୍ୟାମ୍ପସରେ ହନୁମନ୍ତପୁର ଗ୍ରାମର ଜିତେନ୍ଦ୍ର ନିସାଲ ଦୀର୍ଘ ଦିନ ଧରି ଏମଡି ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ଚନ୍ଦ୍ରପୁର ବ୍ଲକରେ ଖରିଫ ଚାଷ ସମୟରେ ଚାଷୀଙ୍କ ସାର, ବିହନ ପାଇଁ ୧୦ ଲକ୍ଷ ୩୮ ହଜାର ୧୧୧ ଟଙ୍କା ଜମା ନ କରି ନିଜେ ଆତ୍ମସାତ କରିଥିଲେ। ଏ ସମ୍ପର୍କରେ ସମବାୟ ବିଭାଗ କର୍ତ୍ତୃପକ୍ଷ ଜାଣିବା ପରେ ୨ଲକ୍ଷ ଟଙ୍କା ସ୍ଥାନୀୟ ମୁନିଗୁଡା କୋରାପୁଟ ସମବାୟ ବ୍ୟାଙ୍କରେ ଜମା କରିଥିଲେ। ବଳକା ୮ ଲକ୍ଷ ୩୮ ହଜାର ୧୧୧ ଟଙ୍କା ସେ ଆଉ ଜମା କରିପାରିଲେ ନାହିଁ। ଏପରିକି ଚାଷୀମାନଙ୍କୁ ଚାଷ ଋଣ ଦେବାରେ ମଧ୍ୟ ଅବହେଳା କଲେ, ବୋଲି ବହୁ ଚାଷୀ ଅଭିଯୋଗ କରିଥିଲେ।

## ସାପ କାମୁଡ଼ାରେ ମହିଳା ଗୁରୁତର



ପାପଡାହାଣ୍ଡି,୭।୮ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଗାଦବା କତରା ଗ୍ରାମରେ ସୋମବାର ସାପ କାମୁଡାରେ ଜଣେ ମହିଳା ମଇନା ମୁଦୁଲି ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ମଇଦଲପୁର ପ୍ରାଥମିକ ଚିକିତ୍ସାଳୟ ଓ ପରେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସୂଚନା ମୁତାବକ ସକାଳ ୮ଟାରେ ମଇନା ଗୋରୁ ଗୁହାଳ ସଫା କରିବା ସମୟରେ ତାଙ୍କୁ ନାଗ ସାପ କାମୁଡି ଦେଇଥିଲା । ଏଥିରେ ସେ ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯିବ ବୋଲି ମେଡିକାଲ ତରଫରୁ ସୂଚନା ମିଳିଛି।

# ମାତୃଶକ୍ତି ବରିଷ୍ଠ ନାଗରିକ ଗୃହର ୧୨ଜଣଙ୍କୁ ସ୍ୱାସ୍ଥ୍ୟସେବା

**ଜିଲା ଆଇନ ସେବା ପ୍ରାଧିକରଣ ସହଯୋଗରେ ସ୍ୱାସ୍ଥ୍ୟ ଶିବିର**

ରାୟଗଡା,୭।୮ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡା ସହରର ସାଇପ୍ରିୟା ନଗରସ୍ଥିତ ମାତୃଶକ୍ତି ବରିଷ୍ଠ ନାଗରିକ ଗୃହରେ ସୋମବାର ଜିଲା ଆଇନ ସେବା ପ୍ରାଧିକରଣ ସଂସ୍ଥା ସହଯୋଗରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଟିମ ପକ୍ଷରୁ ଇଏନଟି ସ୍ପେଶାଲିଷ୍ଟ ଡା. ସଙ୍ଘମିତ୍ରା ପଣ୍ଡା, ଆଖି ବିଶେଷଜ୍ଞ ଡା. ଏମ. ସୁରେଶ କୁମାର, ଅଡିଓ ଲୋଜିଷ୍ଟକ ସୁପ୍ରଭା ପଣ୍ଡା, ଫାର୍ମାସିଷ୍ଟ ଜଗନ୍ନାଥ ନାୟକଙ୍କ ଦ୍ୱାରା ୧୨ ଜଣ ଅନ୍ତେବାସୀଙ୍କ ଆଖି, କାନ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ନିବେଦିତା ପଣ୍ଡା, ଓକିଲ ସୀତାରାମ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତରୀ ଟିମ, ମାତୃଶକ୍ତି ବରିଷ୍ଠ ନାଗରିକ ଗୃହର ପରିଚାଳନା କର୍ତ୍ତୃପକ୍ଷ ଏମ. କ୍ରୀଷ୍ଣା ରାଓ, ଏମଟିଏସ କୃଷ୍ଣଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏବେ ଏହି ଗୃହରେ ୫୦ ଜଣ ଅନ୍ତେବାସୀ ରହୁଥିବାବେଳେ ଏମାନଙ୍କ ମଧ୍ୟରେ ୨୬ ବୃଦ୍ଧ ଓ ୨୪ ବୃଦ୍ଧା ରହିଥିବା ଗୃହ ପରିଚାଳକ ରାଓ ସୂଚନା ଦେଇଛନ୍ତି ।



ଜଣେ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ପ୍ରକାଶ ଥାଉକି, ଗତ ଜୁନ ୨୮ ତାରିଖରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ନିବେଦିତା ପଣ୍ଡା,ପେନଲ ଓକିଲ ସୀତାରାମ ପଣ୍ଡା ପ୍ରମୁଖ ମାତୃଶକ୍ତି ବରିଷ୍ଠ ନାଗରିକ ଗୃହକୁ ପରିଦର୍ଶନ ନିମନ୍ତେ ଯାଇଥିଲେ । ଅନେକ ଅନ୍ତେବାସୀଙ୍କ ଆଖିକୁ ଦେଖା ନ ଯିବା, କାନକୁ ନ ଶୁଣାଯିବା, ବିଧବା ଭତ୍ତା ନ ମିଳିବା ଇତ୍ୟାଦି ଅନେକ ସମସ୍ୟା ରହିଥିବା ଏହି ସମୟରେ ଜାଣିବାକୁ ପାଇଥିଲେ। ଫଳରେ ଏହି ସ୍ୱାସ୍ଥ୍ୟ ଶିବିର କରାଯାଇ ସମସ୍ତଙ୍କ ସ୍ୱାସ୍ଥ୍ୟ ପରିକ୍ଷା କରାଯାଇଥିବା ସଚିବ ପଣ୍ଡା କହିଛନ୍ତି।

# ୬୦ ଅଭିଯୋଗ ଶୁଣିଲେ ଜିଲାପାଳ

**ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର**

ନବରଙ୍ଗପୁର,୭।୮ (ସଦାଶିବ ପ୍ରହରାଜ)

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଅଶୋକ ମେହେଟ୍ଟା ସଭା ଗୃହରେ ସୋମବାର ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ଅଭିଯୋଗକାରୀମାନେ ଆସି ଜିଲାପାଳଙ୍କୁ ଭେଟି ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ଆପତ୍ତି ଅଭିଯୋଗ ଜଣାଇଥିଲେ। ଜିଲାପାଳ ମୋଟ ୬୦ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୫୦ଟି ରହିଥିବା ବେଳେ ୧୦ଟି ସାମୂହିକ ରହିଥିଲା। ଏଥିରେ ଜମି ବିବାଦ, ପାରିବାରିକ ବିବାଦ, ଜମି ଜବରଦଖଲ, ପ୍ରଧାନମନ୍ତ୍ରୀ ଆବାସ, କମ୍ୟୁନିଟି ହଲ ନିର୍ମାଣ, ରାସ୍ତା ନିର୍ମାଣ, ନିଯୁକ୍ତି, ଜମି ଅଧିଗ୍ରହଣ ଅନୁକମ୍ପା ରାଶି, ଡାକ୍ତରୀ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ,



ଜିଲାପାଳ ଜଣେ ହିତାଧିକାରୀଙ୍କୁ ସହାୟତା ରାଶି ଚେକ୍ ପ୍ରଦାନ କରୁଛନ୍ତି ।

ଫସଲ ନଷ୍ଟର ସହାୟତା ପ୍ରଦାନ, ଦସରାପଦା ରାସ୍ତା କାମ ବର୍ଷା ଦିନରେ ବନ୍ଦ ରଖିବା ଇତ୍ୟାଦି ଅଭିଯୋଗ ଜିଲାପାଳ କମଳ ଲୋଚନ ମିଶ୍ର ଶୁଣାଣି କରିଥିଲେ। ତୁରନ୍ତ ଏହି ସବୁ ସମସ୍ୟାର ସମାଧାନ ଲାଗି ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଶିବିରରେ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ସାମାଜିକ ସୁରକ୍ଷା ସହାୟତା ବାବଦକୁ ୩ ଜଣଙ୍କୁ ବିବାହକାଳୀନ ସହାୟତା ରାଶି ବାବଦକୁ ପ୍ରତ୍ୟେକଙ୍କୁ ୨ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ସମୁଦାୟ ୭ ଲକ୍ଷ ୫୦ହଜାର ଟଙ୍କାର ଚେକ୍ ଜିଲାପାଳ ପ୍ରଦାନ କରିଥିଲେ। ଜନଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସପି ଏସ. ସୁଶ୍ରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ( ଜିଲା ପରିଷଦ) ଅନ୍ୟା ଦାସ, ଭାରପ୍ରାପ୍ତ ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ପିଏ ଆଇଟିଡିଏ ରାଜୀବ ସାହୁ, ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଏଡିଏମ୍‌ଓ ଡା.ସୁକାନ୍ତ କୁମାର ଶତପଥୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୮ ଅଗଷ୍ଟ, ୨୦୨୩



**ସଂକ୍ଷେପରେ**

## ରାୟଗଡ଼ା ଅତିରିକ୍ତ ଜିଲାପାଳ ଭାବେ ରାମେଶ୍ୱର ପ୍ରଧାନଙ୍କ ଯୋଗଦାନ



ରାୟଗଡ଼ା,୭।୮ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲା ଅତିରିକ୍ତ ଜିଲାପାଳ ଭାବେ ରାମେଶ୍ୱର ପ୍ରଧାନ ସୋମବାର କାର୍ଯ୍ୟରେ ଯୋଗଦାନକରି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ସୋମବାର ତାଙ୍କ ନିଯୁକ୍ତିପତ୍ର ରାୟଗଡ଼ା ଜିଲାପାଳଙ୍କୁ ପ୍ରଦାନକରି ଦାୟିତ୍ୱ ଗ୍ରହଣ କରିଛନ୍ତି । ନୂତନ ଅତିରିକ୍ତ ଜିଲାପାଳ ପ୍ରଧାନଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ତଥା କର୍ମଚାରୀମାନେ ସ୍ୱାଗତ କରିଥିଲେ। ଏଥିପୂର୍ବରୁ ସେ ପଡ଼ୋଶୀ କୋରାପୁଟ ଜିଲାର ଅତିରିକ୍ତ ଜିଲାପାଳ ଭାବେ ପାଖାପାଖି ୨ବର୍ଷ ଧରି ନିଜ ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଆସୁଥିଲେ । ସେ ମାଲକାନଗିରି ଜିଲାରେ ଉପଜିଲାପାଳ ଭାବେ ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଦାୟିତ୍ୱ ତୁଲାଇଥିଲେ । ବର୍ତ୍ତମାନ ରାୟଗଡ଼ା ଜିଲା ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଜିଲାର ବିକାଶରେ ପ୍ରଶାସନିକ କ୍ଷେତ୍ରରେ ଆବଶ୍ୟକ ସମସ୍ତ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବେ ବୋଲି ପ୍ରଧାନ କହିଛନ୍ତି। ପ୍ରକାଶ ଥାଉକି, ତତ୍କାଳୀନ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କୁ କୋରାପୁଟ ଅତିରିକ୍ତ ଜିଲାପାଳ ଭାବେ ବଦଳି ହେବା ପରେ କୋରାପୁଟ ଜିଲା ଅତିରିକ୍ତ ଜିଲାପାଳ ପ୍ରଧାନଙ୍କୁ ରାୟଗଡ଼ା ଜିଲା ଅତିରିକ୍ତ ଜିଲାପାଳ ଭାବେ ବଦଳି ହୋଇଛି।

## ୬୩ କେଜି ଗଞ୍ଜେଇ ଜବତ, ୩ ଗିରଫ



ରାମନାଗୁଡା,୭।୮ (ସଞ୍ଜୟ ପ୍ରଧାନ)

ରାମନାଗୁଡା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ସୋମବାର ଥାନା ଅଧୀନ ଚାକୁଣ୍ଡା ହାଟପଦା ନିକଟରେ ଚଢାଉ କରି ୬୩ କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଜପତି ଜିଲା ଅଡବା ଥାନା ଅଞ୍ଚଳର ରମାକାନ୍ତ ନାୟକ, ପ୍ରଦୀପ ଚନ୍ଦ୍ର ନାୟକ, ମୁନା ବେହେରା। ସୂଚନାନୁଯାୟୀ, ମୋହନାରୁ ରାୟଗଡ଼ା ରେଲୱେ ଷ୍ଟେସନ ଦେଇ ନାଗପୁରକୁ ଉକ୍ତ ଗଞ୍ଜେଇ ଚାଲାଣ ହେବାକୁ ଥିବାବେଳେ କୌଣସି ସୂତ୍ରରୁ ଥାନା ଏସଆଇ ବାବୁଲା ପ୍ରଧାନ ଖବରପାଇଥିଲେ। ପୋଲିସ ସଦଳବଳେ ଚାକୁଣ୍ଡା ହାଟପଦାରେ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଗଞ୍ଜେଇ ଜବତ କରାଯିବା ସହ ୩ଟି ମୋବାଇଲ ଓ ୪ ହଜାର୯ଶହ ଟଙ୍କା ଜବତ କରାଯାଇଥିବା ଥାନାଧିକାରୀ ସୁନିତା ବେହେରା ସୂଚନା ଦେଇଛନ୍ତି। ଏ ନେଇ ରାମନାଗୁଡା ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗଞ୍ଜେଇ ଚୋରା କାରବାରରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ତନାଘନା ଚଳାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚରା ପରେ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବେହେରା ପ୍ରକାଶ କହିଛନ୍ତି।

# ରାସ୍ତା ନ ଥିବା ଗାଁ କାହ୍ନୁଗୁଡ଼ା

ରାୟଗଡ଼ା,୭।୮ (ଆଶିଷ ରଞ୍ଜନ ପଣ୍ଡା)

- ମୌଳିକ ସୁବିଧାରୁ ବଞ୍ଚିତ ଆକାଂକ୍ଷୀ ଜିଲା
- ପୋଲ ନ ଥିବାରୁ ଭରା ନଦୀରେ ପାରିହେଉଛନ୍ତି ଲୋକେ
- ଗାଁରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ବକ୍ସାଇଟ ଭଳି ମୂଲ୍ୟବାନ୍ ଖଣିଜ ପଦାର୍ଥର ଗନ୍ତାଘର ତଥା ବିଭିନ୍ନ କମ୍ପାନୀ ରହିଥିବା କାଶୀପୁର ବ୍ଲକର ଅନେକ ଗ୍ରାମ ଆଜି ବି ମୌଳିକ ସୁବିଧାରୁ ଅପହଞ୍ଚ । ବ୍ଲକର ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ କାହ୍ନୁଗୁଡ଼ା ଗ୍ରାମକୁ ସବୁଦିନିଆ ରାସ୍ତାଟିଏ ନାହିଁ। ଗ୍ରାମକୁ ପକ୍କାରାସ୍ତା ତ ଦୂରର କଥା, କଚ୍ଚାରାସ୍ତା ନ ଥିବାରୁ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗାଁକୁ ଯିବାକୁ ହେଲେ ଏକ ବଡ଼ ନାଳ ପାରିହେବାକୁ ପଡ଼େ । ବର୍ଷାଦିନେ ଗାଁ ଲୋକେ ବାହ୍ୟଜଗତରୁ ଏକପ୍ରକାର ବିଚ୍ଛିନ୍ନ ହୋଇଯାଆନ୍ତି। ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ନଦୀ ପାରିହୋଇ କାଶୀପୁର, ଟିକିରି ଓ ରାୟଗଡ଼ା ଆଦି ଉପରେ ନିର୍ଭର କରିବାକୁ ପଡ଼େ। ଫଳରେ ଅନେକ ସମୟରେ ରୋଗୀ ଓ ଗର୍ଭବତୀଙ୍କୁ ଭରା ନଦୀରେ ବିପଦସଙ୍କୁଳ ଭାବେ ଖଟିଆରେ ବୋହି ଅଣାଯାଇଥାଏ। ପାଣିର ସ୍ରୋତରେ କେତେବେଳେ ଯେ ଜୀବନର ଦୀପ ଲିଭିଯିବ ଏଥିରେ ସନ୍ଦେହ ନାହିଁ।

କାହ୍ନୁଗୁଡ଼ାରେ ୧୫୦ ପରିବାରରେ ୬ ଶହରୁ ଉର୍ଦ୍ଧ୍ୱ ଜନବସତି ରହିଛି । ହେଲେ ଗ୍ରାମରେ ଗମନାଗମନ ସୁବିଧା ନ ଥିବାରୁ ବିଭିନ୍ନ ସମସ୍ୟା ଦେଖାଦେଇଛି।



ଜଙ୍ଗଲ ରାସ୍ତାରେ ଯିବା ଆସିବା କରୁଛନ୍ତି ଗ୍ରାମବାସୀ ।

୨୦୨୨ ଜାନୁୟାରୀରେ ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ତର୍ଗତ ୬ କି.ମି. ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା । ହେଲେ ସେବେଠାରୁ ଏହି କାମ ଅଟକି ରହିଛି। ସରକାରୀ ଜମିରେ ନ କରି ପ୍ରାଇଭେଟ ଜମିରେ ରାସ୍ତା ନିର୍ମାଣକୁ ବିରୋଧ କରିବାରୁ କାମ ଅଟକି ରହିଛି। ଅନ୍ୟପକ୍ଷେ ନଦୀ ଉପରେ ପୋଲ ଆଜିଯାଏଁ ନିର୍ମାଣ ହୋଇପାରି ନ ଥିବାରୁ ବର୍ଷାଦିନେ ଜୀବନକୁ ବାଜି ଲଗାଇ ଭରା ନଦୀରେ ଲୋକେ ଯିବାଆସିବା କରୁଛନ୍ତି। ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ବିଭିନ୍ନ ସମସ୍ୟା ଲାଗି ରହିଛି। ଏ ନେଇ ଗ୍ରାମବାସୀ ଦୀର୍ଘ ବର୍ଷ ଧରି ବ୍ଲକରୁ ଆରମ୍ଭ କରି ଜିଲା ପ୍ରଶାସନ, ବିଧାୟକ, ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗତ କିଛିଦିନ ତଳେ ରାଜ୍ୟପାଳ ଓ ୫-ଟି ସଚିବଙ୍କ ରାୟଗଡ଼ା ଗସ୍ତ ସମୟରେ ଗ୍ରାମବାସୀ ସମସ୍ୟା ଜଣାଇଥିଲେ ବି କିଛି ଲାଭ ହୋଇ ନ ଥିବା ଅଭିଯୋଗ ହୋଇଛି। ଗାଁରେ ଶିଶୁଙ୍କୁ ପ୍ରାକ୍ ଶିକ୍ଷା ପ୍ରଦାନ ନିମନ୍ତେ ୨୦୧୮-୧୯ରେ ଏକ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇ୨୦୨୦ରେ ଶେଷ ହୋଇଥିଲା । ଏହି କାମ ନେଇଥିବା ଠିକାଦାର ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୫୦ ହଜାର ଟଙ୍କା ପାଇ ନ ଥିବାରୁ ଉକ୍ତ ଅଙ୍ଗନୱାଡି କେନ୍ଦ୍ରକୁ ନିଜ ଅକ୍ତିଆରରେ ରଖିଛନ୍ତି । ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ସେଠାରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ୨ ମାସରେ ଥରେ ଗାଁକୁ ଆସି ପିଲାଙ୍କୁ ଛତୁଆ, ଅଣ୍ଡା ବାଣ୍ଟି ଦେଇଯାଉଥିବା ଗ୍ରାମବାସୀ କହିଛନ୍ତି । ସେହିଭଳି ଗ୍ରାମରେ ଗୋଟେ ପ୍ରାଥମିକ ବିଦ୍ୟାଳୟ ଥିବାବେଳେ ୫୪ ଛାତ୍ରୀଛାତ୍ର ପାଠପଢୁଛନ୍ତି । ହେଲେ ୫ଟି ଶ୍ରେଣୀ ପାଇଁ ସ୍କୁଲରେ ରହିଛି ମାତ୍ର ୨ଟି ଶ୍ରେଣୀଗୃହ । ଜଣେ ଶିକ୍ଷକରେ ଚାଲିଛି ବିଦ୍ୟାଳୟ । ଗ୍ରାମବାସୀଙ୍କ ବହୁ ଅଭିଯୋଗ ପରେ ଆଉ ଜଣେ ଶିକ୍ଷକ ସପ୍ତାହକୁ ୩ ଦିନ ସେଠାକୁ ଯାଇ ପାଠ ପଢ଼ାଇବା ପାଇଁ ସରକାରୀ ଅନୁମୋଦନ ମିଳିଛି । ହେଲେ ବର୍ଷାଦିନେ ନାଳ ପାରିହୋଇଯିବାକୁ କୌଣସି ଶିକ୍ଷକ ରାଜି ହେଉନାହାନ୍ତି। ସେହିଭଳି ଗାଁରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗାଁରେ ୨୦୨୦ରେ ୮ ଲକ୍ଷ ଟଙ୍କା ବ୍ୟୟରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହୋଇଥିଲା । ହେଲେ ଏହା ଦିନେ ମଧ୍ୟ କାର୍ଯ୍ୟକ୍ଷମ ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି। ଫଳରେ ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ନଦୀ ପାରିହୋଇ କାଶୀପୁର, ଟିକିରି ଓ ରାୟଗଡ଼ା ଆଦି ଉପରେ ନିର୍ଭର କରିବାକୁ ପଡୁଛି । ଗାଁରେ ସବୁବେଳେ ପାନୀୟଜଳ ସମସ୍ୟା ଲାଗି ରହିଥାଏ। ଗାଁରେ ୬ଟି ସାହିରେ ୬୦୦ ଲୋକ ରହୁଥିବାବେଳେ ଗୋଟିଏ ମାତ୍ର ନଳକୂପ ରହିଛି । ନଳକୂପ ଅଚଳ ହେଲେ ବାଧହୋଇ ଲୋକେ ନଦୀର ଦୂଷିତ ଜଳ ବ୍ୟବହାରକରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଗାଁରେ ଆବାସ ଯୋଜନାରୁ ବହୁ ଗ୍ରାମବାସୀ ବଞ୍ଚିତ ଥିବା ଅଭିଯୋଗ ହୋଇଛି। ସରକାରୀ ସହାୟତା ନ ପାଇବାରୁ ନିଜେ ପ୍ରତି ସପ୍ତାହରେ ଗ୍ରାମବାସୀ ଗାଁ ଓ ରାସ୍ତା ସଫା କରୁଥିବା ଶଙ୍କର ମାଝି, ଦୀନକୃଷ୍ଣ ମାଝି, ଟଙ୍କଧର ସାହୁ ପ୍ରମୁଖ କହିଛନ୍ତି। କାହ୍ନୁଗୁଡ଼ା ଗ୍ରାମର ଏହିସବୁ ସମସ୍ୟା ନେଇ ଅତିରିକ୍ତ ଜିଲାପାଳ ଦାୟିତ୍ୱର ଥିବା ଉପଜିଲାପାଳ ଭୀମସେନ ଶବରଙ୍କୁ ପଚାରିବାରୁ ଡିଏମ୍ଏଫ୍ ଫଣ୍ଡରେ ଅନୁଦାନ ମଞ୍ଜୁରୀ ହୋଇଛି । ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା କରାଯାଇ ରାସ୍ତା ଓ ପୋଲ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି । ଏଥିସହ ଗ୍ରାମରେ ରହିଥିବା ଅନ୍ୟ ସମସ୍ୟା ମଧ୍ୟ ଦୂରକରାଯିବ ବୋଲି ଉପଜିଲାପାଳ ଶବର କହିଛନ୍ତି ।

## ଓଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ପଙ୍କଜଙ୍କୁ ସମ୍ବର୍ଦ୍ଧନା



ଟିକିରି, ୭।୮ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଡୁଡୁକାବାହାଲ ପଞ୍ଚାୟତ ଅନ୍ତର୍ଗତ ମଇଲିଗୁଡା ଗ୍ରାମର ପୂର୍ବତନ ବିଧାୟକ ବିଭୀଷଣ ମାଝୀଙ୍କ ପୁଅ ପଙ୍କଜ ମାଝୀ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ୩୪୭ ର୍ୟାଙ୍କ ରଖି ଓଡ଼ିଶା ସିଭିଲ ଉତ୍ତିର୍ଣ୍ଣ ହୋଇଛନ୍ତ। ସୋମବାର ସେ ଡୁଡୁକାବାହାଲ ପଞ୍ଚାୟତ ତୋଟାଗୁଡା ଛକଠାରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ତାଙ୍କୁ ମଇଲିଗୁଡା ନିଆଯାଇଥିଲା। ଗାଁରେ ପହଞ୍ଚି ସେ ଘରଘର ବୁଲି ଲୋକଙ୍କଠାରୁ ଆଶୀର୍ବାଦ ନେଇଥିଲେ। ପରେ ଗାଁ ମଝିରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେଇଥିଲା । ପଙ୍କଜଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ସଭାରେ ତାଙ୍କ ବାପା ପୂର୍ବତନ ବିଧାୟକ ବିଭୀଷଣ ମାଝୀ, ପୂର୍ବତନ ସରପଞ୍ଚ ସାନ୍ଧୁମାଝୀ, ଶିକ୍ଷକ ମୋହନ ମାଝୀ, ଭଗବାନ ମାଝୀ, ସୁମନ୍ତ ନାଏକ, ଉରକୁଡି ନାଏକ, ସୁବାସ ନାୟକ , ଜୟରାମ ମାଝୀ, ମୁକ୍ତିକାନ୍ତ ବେହାରା, ମୋଇଲିଗୁଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୯୨ ବର୍ଷୀୟା ମହିଳା

ରାୟଗଡା,୭।୮ (ଭାଗ୍ୟଶ୍ରୀ ମିଶ୍ର)

**ପରିଣତ ବୟସରେ ପଚାରୁନି ପୁଅ**

ପିଲାଙ୍କ ଅଳି ଅର୍ଦ୍ଦଳି ସହି ପାଳିପୋଷି ଛୋଟରୁ ବଡ଼ କରିଥାନ୍ତି ମା'ବାପା। ହେଲେ ମା'ବାପାଙ୍କ ପରିଣତ ବୟସରେ ପିଲାମାନେ ସେମାନଙ୍କ ସାହାରା ହେବା ପରିବର୍ତ୍ତେ ପଚାରୁ ନ ଥିବା ଅଭିଯୋଗ ହେଉଛି। ରାୟଗଡା ଜିଲା ଗୁଡାରିରୁ ୯୨ ବର୍ଷୀୟା ଶକୁନ୍ତଳା ବିଷୋୟୀ ସୋମବାର ହ୍ୱିଲଚେୟାରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସି ବଡ଼ପୁଅଙ୍କ ନାଁରେ ଅଭିଯୋଗ କରିଛନ୍ତି।

ବୃଦ୍ଧାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କର ୫ ପୁଅ ଏବଂ ୪ ଝିଅ। ବଡ଼ ପୁଅ ମାଧବ ବିଷୋୟୀ ଜଣେ ଅବସରପ୍ରାପ୍ତ ଶିକ୍ଷକ ହୋଇ ମଧ ମା'ବାପାଙ୍କ ଦାୟିତ୍ୱ କେବେ ନେଇନାହାନ୍ତି । ଦୀର୍ଘ ୨୦ ବର୍ଷ ତଳୁ ଶକୁନ୍ତଳାଙ୍କ ସ୍ୱାମୀ ଆରପାରିକୁ ଚାଲିଯାଇଛନ୍ତି। ସେବେଠାରୁ ତାଙ୍କ ୩୦ ଏକର ଜମିକୁ ବଡ଼ପୁଅ ନିଜ ଅକ୍ତିଆରରେ ରଖି ଚାଷବାଷ କରୁଛନ୍ତି। ବୃଦ୍ଧା ଶକୁନ୍ତଳା ଏବେ ବାର୍ଦ୍ଧକ୍ୟ ଯୋଗୁ ଚାଲିବୁଲି ପାରୁ ନ ଥିବାବେଳେ ସାନ ପୁଅମାନେ ତାଙ୍କର ସମସ୍ତ ଦାୟିତ୍ୱ ନେଉଛନ୍ତି । ତାଙ୍କର ଔଷଧ ସହ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ତାଙ୍କୁ ସାନପୁଅଙ୍କ ଉପରେ ନିର୍ଭର କରିବାକୁ ପଡୁଛି। ତେଣୁ ଶକୁନ୍ତଳାଙ୍କ ଥିବା ୩୦ ଏକର ଜମି ଏବଂ ଏକ ଘର ସବୁ ଭାଇଙ୍କ ମଧ୍ୟରେ ବଣ୍ଟନ କରିବା ପାଇଁ ସେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି । ଏହାହେଲେ ସେ ସାନପୁଅ ନିକଟରେ ରହି ନିଜ ଟଙ୍କାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା କଥା ବୁଝି ପାରିବେ ବୋଲି କହିଛନ୍ତି । ଜିଲାପାଳ ଖୁବଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ବୃଦ୍ଧାଙ୍କୁ ପ୍ରତିଶୃତି ଦେଇଛନ୍ତି ।



## ଘରଡିହ ପଟ୍ଟା ପ୍ରଦାନ ଲାଗି ଜିଲାପାଳଙ୍କୁ ଭେଟିଲେ ୨୫୦ ପରିବାର

ରାୟଗଡା,୭।୮ (ଭାଗ୍ୟଶ୍ରୀ ମିଶ୍ର )

ଘର ପଟ୍ଟା ପ୍ରଦାନ ନିମନ୍ତେ ହାଟ ଶେଷଖାଲ ଗ୍ରାମ ପଞ୍ଚାୟତର ପ୍ରାୟ ୨୫୦ ପରିବାର ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସି ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି । ତେବେ ସରକାରଙ୍କ ନିୟମ ଅନୁଯାୟୀ, ଯୋଗ୍ୟ ହିତାଧିକାରୀ ଆବେଦନ କଲେ ନିଶ୍ଚିତ ପଟ୍ଟା ମିଳିବ ବୋଲି ଜିଲାପାଳ ସ୍ୱଧାଦେବ ସିଂ କହିଛନ୍ତି । ସୂଚନାଯୋଗ୍ୟ ଯେ, ଲୁମ୍ବେସୁ, କେରେଣ୍ଡି, ଝୁଂଜାମଣି ଓ ହାଟଶେଷଖାଲ ଭଳି ୪ଟି ଗ୍ରାମର ଗ୍ରାମବାସୀଙ୍କ ଘର ପଟ୍ଟା ନ ଥିବାରୁ ସେମାନେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ପୂର୍ବରୁ ଇନ୍ଦିରା ଆବାସ ମିଳୁ ନ ଥିବା ବେଳେ ଏବେ ବିଜୁ ପକ୍କାଘର,ମୋ କୁଡିଆ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତଥା ନୂଆ ଯୋଜନା ମୋ ଘରରେ ମଧ୍ୟ ୨୫୦ ପରିବାର ଲୋକେ ସାମିଲ ହୋଇ ପାରୁନାହାନ୍ତି । ଅନେକ ସମୟରେ ପିଲାଙ୍କ ପାଇଁ ଆବଶ୍ୟକ ପଡୁଥିବା ବିଭିନ୍ନ ସାର୍ଟିଫିକେଟ ମଧ୍ୟ ମିଳି ପାରୁ ନ ଥିବାରୁ ପିଲାମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ହାଟ ଶେଷଖାଲ ସରପଞ୍ଚ ଜେଟି କିଲକା,ପୂର୍ବତନ ସରପଞ୍ଚ ଜିଆନା କିଲାକା ପ୍ରମୁଖ ପ୍ରକାଶ କରିଛନ୍ତି । ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ ବେଳେ କୁନିଗା କଲକାସାମ୍ୱାରୁ କଲକା, ମୋହନ କଲକା, ରାଜାରାଓ ପୁଆଲା, ଅନିତା ହୁଇକା, ସରିତା ପୁଆଲା, ରାୟଗଡା ଲ୍ୟାମ୍ପସ ସଭାପତି ଚକ୍ରଧର ବିଡିକାଙ୍କ ସହ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ସହରର ବିଭିନ୍ନ ସମସ୍ୟା ନେଇ ଅଧିକାରୀଙ୍କୁ ଭେଟିଲେ ଯୁବଗୋଷ୍ଠୀ



ସଦସ୍ୟଙ୍କ ସହ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋଚନା କରୁଛନ୍ତି।

ଗୁଡ଼ାରି,୭।୮ ( ପ୍ରମୋଦ କୁମାର ପତି)

ଗୁଡ଼ାରି ସହରର ବିଭିନ୍ନ ସମସ୍ୟା ନେଇ 'ୟୁଥ ଫର ଚେଞ୍ଜ' ସଦସ୍ୟମାନେ ସୋମବାର ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଗୁଡ଼ାରିରୁ ରାଜଧାନୀ ଭୁବନେଶ୍ୱରକୁ ଚଳାଚଳ କରୁଥିବା ଓଏସ୍ଆରଟିସିବସ୍ ଗତ ଜୁନ ୨୬ ତାରିଖରେ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହେବା ପର ଠାରୁ ଅଦ୍ୟାବିଧି ବସ୍ ଚଳାଚଳ ବନ୍ଦ ରହିଛି। ଏହା ପୂର୍ବରୁ ମଧ ଏହି ବସ୍ ବହୁ ଦିନ ଧରି ବନ୍ଦ ଥିଲା । ଏହି ବସ ସେବା ଶୀଘ୍ର ପ୍ରଦାନ କରିବା ସହ ଗୁଡ଼ାରିରୁ ଜୟପୁରକୁ ସରକାରୀ ବସ୍ ସେବା ଯୋଗାଇ ଦେବା ପାଇଁ ସଦସ୍ୟମାନେ କହିଥିଲେ। ଏହାଛଡା ସହରରେ ଡ୍ରେନେଜ ବ୍ୟବସ୍ଥା ଓ ସମସ୍ତ ସାହିର ରାସ୍ତା ମରାମତି କରିବା ପାଇଁ ଆଲୋଚନା କରିଥିଲେ। ନିର୍ମାଣାଧୀନ ଖେଳପଡ଼ିଆର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ଗୁଡ଼ାରି ପ୍ରାଥମିକ ବିଦ୍ୟାଳୟର ଉନ୍ନତି ନିମନ୍ତେ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ମୁରଲୀକୃଷ୍ଣ ପଣ୍ଡା କହିଥିଲେ ଯେ, ବସ ଚଳାଚଳ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ସହ ଶୀଘ୍ର ଯୋଗାଯୋଗ କରାଯିବା ସହ ନୂତନ ବସ୍ ଷ୍ଟାଣ୍ଡ ଶୀଘ୍ର କାର୍ଯ୍ୟକ୍ଷମ ହେବ। ଏହାଛଡା ସହରର ଡ୍ରେନେଜ ବ୍ୟବସ୍ଥା ଓ ସମସ୍ତ ରୋଡ଼ ନବୀକରଣ ନିମନ୍ତେ ଆସନ୍ତା ୧୦ ଦିନ ମଧ୍ୟରେ ଟେଣ୍ଡର ହେବ। ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି। ଆଲୋଚନା ସମୟରେ 'ୟୁଥ ଫର ଚେଞ୍ଜ' ଯୁବ ଗୋଷ୍ଠୀର ସଦସ୍ୟ ଓ ସ୍ଥାନୀୟ ବିଜେଡି ନେତା ସନ୍ତୋଷ ମହାନ୍ତି ଉପସ୍ଥିତ ଥିଲେ।

## ସୌରା ଭାଷାରେ କବିତା ପାଠ କଲେ ଗୁଣପୁରର ଗାଗାରିନ

**ଭୋପାଳରେ ଅନ୍ତର୍ଜାତୀୟ ସାହିତ୍ୟ ଉତ୍ସବ**

ଗୁଣପୁର,୭।୮ (ପ୍ରଦୀପ କୁମାର ପାଢ଼ୀ)

ମଧ୍ୟପ୍ରଦେଶର ଭୋପାଳଠାରେ ଗତ ୩ ରୁ ୬ ତାରିଖ ପର୍ଯ୍ୟନ୍ତ 'ଅନ୍ତର୍ଜାତୀୟ ସାହିତ୍ୟ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ୩ ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ଛତିଶଗଡ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏବଂ ଅନ୍ୟ କେତେକ ରାଜ୍ୟର ରାଜ୍ୟପାଳମାନେ ଯୋଗ ଦେଇଥିଲେ। ପ୍ରତ୍ୟେକ ଅଞ୍ଚଳର ବିଭିନ୍ନ ଭାଷାକୁ ନେଇ କବିଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାୟଗଡା ଜିଲା ଗୁଣପୁର ବ୍ଲକ ଘନାନ୍ତ୍ରୀ ଅଞ୍ଚଳର ତଥା ଅଲ ଇଣ୍ଡିଆ ରେଡ଼ିଓ ଷ୍ଟେଶନ ଜୟପୁରରସୌରା ଭାଷା ବିଭାଗର କମ୍ପେରିଂ,ରାୟଗଡା ଜିଲା ଶିଶୁ ମଙ୍ଗଳ କମିଟିର ସଭ୍ୟ ଏବଂ ଆଇନଜୀବୀ ଗାଗାରିନ ଶବର ଯୋଗଦେଇ ସୌରା ଭାଷାରେ କବିତା ପାଠ କରିଥିଲେ। ଏହିକାର୍ଯ୍ୟକ୍ରମରେ ୧୦୩ ଭାଷା ଓ ୫୧୦ ରାଜ୍ୟର ୫୭୫ଜଣ ଅଂଶ ଗ୍ରହଣ କରିଥିଲେ। ଭାରତ ସାହିତ୍ୟ ଓ ସାଂସ୍କୃତିକ ଏକାଡମୀ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ।




ବିଭିନ୍ନ ଅଞ୍ଚଳର ସାହିତ୍ୟକାରଙ୍କ ସହ ଗାଗାରିନ

## ପେଣ୍ଡିଲିରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଗୁଡ଼ାରି,୭।୮ (ପ୍ରମୋଦ କୁମାର ପତି)

ଗୁଡ଼ାରି ବ୍ଲକର ପେଣ୍ଡିଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ବିଡ଼ିଓ ଅନିଶା ଦାସଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପେଣ୍ଡିଲି ସରପଞ୍ଚ ରେଣୁକା ଶବରଙ୍କ ଉପସ୍ଥିତିରେ ପଞ୍ଚାୟତରେ ମୋଟ ୧୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ୧୩ ଓ ସାମୂହିକ ୪ ଅଭିଯୋଗକୁ ବିଡ଼ିଓ ଶୁଣିଥିଲେ। ଶିବିରରେ ଆବାସ ଗୃହ, ଭତ୍ତା, ଶିକ୍ଷା, ରାସ୍ତା ଓ ମନରେଗା ସମ୍ପର୍କିତ ଅଭିଯୋଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଶିବିରରେ ପଞ୍ଚାୟତସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣିବା ପରେ ଖୁବଶୀଘ୍ର ସମାଧାନ କରିବା ପାଇଁ ବିଡ଼ିଓ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପେଣ୍ଡିଲି ଗ୍ରାମ ରୋଜଗାର ସେବକଙ୍କ ତତ୍ତ୍ୱବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା।

## ୩ ଘଣ୍ଟା ଟ୍ରାଫିକ୍ ଜାମ୍‌ରେ ଫସିଲେ ଲୋକେ

ରାୟଗଡା,୭।୮ ( ଭାଗ୍ୟଶ୍ରୀ ମିଶ୍ର)

**ସହରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ**

ରାୟଗଡ଼ା ସହରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ସହରବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ରାୟଗଡ଼ାସ୍ଥିତ ଅଣ୍ଡର ଗ୍ରାଉଣ୍ଡ ରୋଡ଼ରେ ସବୁବେଳେ ଭିଡ଼ ଜମୁଛି। ସୋମବାର ଏହି ରୋଡ଼ରେ ପ୍ରାୟ ୩ ଘଣ୍ଟା ଧରି ଟ୍ରାଫିକ ଜାମ୍ ରହିବା ଯୋଗୁ ଲୋକେ ବହୁତ ହଇରାଣ ହୋଇଥିବା ଦେଖିବାକୁ ମିଳିଛି। ଏହି ଛକରେ ରାସ୍ତା ଅଣଓସାର ହୋଇଥିବା ରାସ୍ତାକଡରେ ଦୋକାନୀ ପସରା ମେଲାଇଥିବାରୁ ରାସ୍ତା ପୂରା ସଙ୍କୁଚିତ ହୋଇଯାଉଛି। ସେଥିରେ ପୁଣି ଅବାଧରେ ଅଟୋ, ଟ୍ରାକ୍ଟର, କାରଗୁଡିକ ପ୍ରବେଶ କରିବା ଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ସଟକର୍ଟ ହୋଇଥିବାରୁ ଅଧିକାଂଶ ଲୋକେ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ହେଲେ ଏଠାରେ କୌଣସି ଟ୍ରାଫିକ ପୋଷ୍ଟର ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକଙ୍କୁ ଏହି ସ୍ଥାନରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ରାୟଗଡାରେ ଟ୍ରାଫିକ କର୍ମଚାରୀଙ୍କ ଅଭାବ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଟାଉନ ଥାନାର ଜଣେ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି। ରାଷ୍ଟ୍ରୀୟ ଆଦିବାସୀ ଏକତା ମଞ୍ଚର ଭାରତ ବନ୍ଦ ଡାକରା ଯୋଗୁ ରାସ୍ତାଜାମ ହୋଇଥିବ ବୋଲି କିଛି ଲୋକ କହିଛନ୍ତି। ଯଦି ବି ବନ୍ଦ ପାଳନ ପାଇଁ ରୋଡ଼ଜାମ ରହିଛି ତେବେ ସେ ନେଇ କାହିଁକି ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଗଲା ନାହିଁ ବୋଲି ଚର୍ଚ୍ଚା ହୋଇଛି । ସେପଟେ ସହରର ଜଣେ ଆଇନଜୀବୀ ଉମା ଆର କହିଛନ୍ତି, ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଅପେକ୍ଷା କରିବାକୁ ପଡୁଛି। ତେଣୁ ଜିଲା ପ୍ରଶାସନ ଏବଂ ଜିଲା ପୋଲିସ ଏ ନେଇ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।



ରାୟଗଡ଼ା ଅଣ୍ଡର ଗ୍ରାଉଣ୍ଡ ରୋଡ଼ରେ ଟ୍ରାଫିକ୍ ଜାମ୍।

## ସମସ୍ୟାର ତ୍ୱରିତ ସମାଧାନ ନିର୍ଦ୍ଦେଶ

ରାୟଗଡ଼ା,୭।୮ (ଭାଗ୍ୟଶ୍ରୀ ମିଶ୍ର)

**ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି**

ରାୟଗଡ଼ା ଜିଲା ପ୍ରଶାସନ ତରଫରୁ ଜିଲା ସଦର ମହକୁମାସ୍ଥିତ ଜିଲା ପରିଷଦ ସଭାଗୃହଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସ୍ୱଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁପ୍ରସାଦ ପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଲାଲମୋହନ ରାଉତରାୟ, ଉପଜିଲାପାଳ ଭୀମସେନ ଶବର, ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଦିଲୀପ କୁମାର ବେହେରା, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ପ୍ରମୁଖ ଯୋଗଦେଇ ଲୋକଙ୍କର ଅଭିଯୋଗ ଶୁଣିଛନ୍ତି । ମୋଟ ୬୬ ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୫୨ ବ୍ୟକ୍ତିଗତ ଓ ୧୪ ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ରହିଥିଲା । ଜିଲାପାଳ ଅଭିଯୋଗଗୁଡିକୁ ପାଇଲା ପରେ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଜିଲାପାଳ ସ୍ୱଧାଦେବ ସିଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ ଜଣଙ୍କୁ ୮୫ ହଜାର ଟଙ୍କା ଓ ଜଣେ ହିତାଧିକାରୀଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶିବିରରେ ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଦୟାନିଧି ବାଗ, ଏଡିଏମ୍‌ଓ ଡା. ପୃଷ୍ଟି, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ନାରାୟଣ ନାୟକ, ତହସିଲଦାର ପର୍ଶୁରାମ ଭତରା, ସଦର ବିଡ଼ିଓ ଲକ୍ଷ୍ମୀନାରାୟଣ ସାବତ, ଜିଲା ସମାଜ କଲ୍ୟାଣ ଅଧିକାରୀ ଯାଜ୍ଞସେନୀ ବେହେରା, ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲା କ୍ରୀଡ଼ା ଅଧିକାରୀ ଶେଖ ଆଲେନୁର, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଧ୍ରୁବ ଚରଣ ନାୟକ, ଜିଲା ପଞ୍ଚାୟତ ଅଧିକାରୀ ସକିଲା ଚରଣ ବାସ୍କେ,ବରିଷ୍ଠ ଶିଳ୍ପ ବିକାଶ ଅଧିକାରୀ ସବ୍ୟସାଚୀ ସାହୁ, ଜିଲା କର୍ମ ନିଯୋଜନ ଅଧିକାରୀ ତତ୍ତ୍ୱମସୀ ମହାପାତ୍ର ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ ।



ଜିଲାପାଳ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୮ ଅଗଷ୍ଟ, ୨୦୨୩



**ଭାରତ ବନ୍ଦ ପ୍ରଭାବ: ଜୟପୁରରେ ବିକ୍ଷୋଭ**

ଜୟପୁର,(ପବନ ପାଣିଗ୍ରାହୀ)-ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ସୋମବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ ଜୟପୁରରେ ପଡ଼ିଛି। ପରିଷଦର କର୍ମକର୍ତ୍ତାମାନେ ସହରର ମୁଖ୍ୟ ଟ୍ରାଫିକ ଛକଠାରେ ବ୍ୟାନର ଲଗାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସମାନ ନାଗରିକ ସଂହିତା, ମଣିପୁର ରାଜ୍ୟରେ ଆଦିବାସୀମାନଙ୍କ ଉପରେ ହୋଇଥିବା ଅନ୍ୟାୟ ଅତ୍ୟାଚାର ଓ ଆଦିବାସୀମାନଙ୍କ ବିରୋଧରେ ସଂସଦରେ ପ୍ରଣୟନ ହୋଇଥିବା ଆଇନ ବିରୋଧରେ ଏବଂ ସେମାନଙ୍କ ୧୮ଟି ସମସ୍ୟା ନେଇ ଏହି ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଜୟପୁରରେ ମନସ୍ୱିନୀ ଟାକରି, ପ୍ରବୀର ପାତ୍ର ନେତୃତ୍ୱ ନେଇଥିଲେ।

## ସଂକ୍ଷେପରେ

### ଷ୍ଟ୍ରିଟ୍ ଲାଇଟ ଖୁଣ୍ଟକୁ ଧକ୍କା ଦେଇ ଓଲଟିଲା କାର୍

ପଟ୍ଟାଙ୍ଗି, ୭।୮ (ଶରତ ଧଳ)

ଶ୍ରୀକ୍ଷେତ୍ର ପୁରୀରୁ ମହାପ୍ରଭୁଙ୍କ ଦର୍ଶନ କରି ନିଜ ଘରକୁ ଫେରୁଥିବା ସମୟରେ ବାଟରେ ଏକ କାର ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ତେବେ ଠାକୁରଙ୍କ ଆଶୀର୍ବାଦରୁ କାରରେ ଥିବା ସମସ୍ତ ଯାତ୍ରୀଙ୍କ କିଛି କ୍ଷତି ହୋଇନାହିଁ। କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ମାଳିପୁଟ ପଞ୍ଚାୟତ ନିକଟସ୍ଥ ଜାତୀୟ ରାଜପଥରେ ଏପରି ଘଟିଛି। ଖବରରୁ ଜଣାପଡ଼ିଛି, ନବରଙ୍ଗପୁର ସହରର କିଛି ପରିବାର ସଦସ୍ୟ କାର (ଓଡ଼ି୨୪ଜେ-୩୬୩୬)ଯୋଗେ ପୁରୀ ଯାଇଥିଲେ। ପୁରୀରୁ ଫେରୁଥିବା ସମୟରେ ସୋମବାର ସକାଳ ୭ଟା ୧୫ରେ ଉକ୍ତ ପଞ୍ଚାୟତ ନିକଟରେ କାରଟି ଭାରସାମ୍ୟ ହରାଇ ରାସ୍ତା କଡରେ ରହିଥିବା ଷ୍ଟ୍ରିଟ ଲାଇଟ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ପରେ କାରଟି ଜାତୀୟ ରାଜପଥ ଉପରେ ଓଲଟି ପଡ଼ିଥିଲା। କାରରେ ଥିବା ୮ ଜଣ ଯାତ୍ରୀଙ୍କ କୌଣସି କ୍ଷତି ହୋଇ ନାହିଁ। ସମସ୍ତେ କାରର ପଛ ଗ୍ଲାସ ଭାଙ୍ଗି ବାହାରକୁ ବାହାରିଥିଲେ। ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚିବା ବେଳକୁ ସମସ୍ତ ଯାତ୍ରୀ ବସ ଯୋଗେ ନବରଙ୍ଗପୁର ଚାଲି ଯାଇଥିଲେ। ଘଟଣା ସ୍ଥଳରେ କାରଚାଳକ ରାହୁଲ ଭୋଳ ଏବଂ ଅନ୍ୟ ଜଣେ ତାଙ୍କ ସାଥୀ ଚନ୍ଦନ ମହାନ୍ତିଙ୍କୁ ପୋଲିସ ଦୁର୍ଘଟଣା ସମ୍ପର୍କରେ ପଚରାଉଚରା କରି ରାସ୍ତା ଉପରେ ପଡ଼ି ରହିଥିବା କାରକୁ ଉପସ୍ଥିତ ଗ୍ରାମବାସୀଙ୍କ ସହାୟତାରେ ରାସ୍ତାକଡକୁ ନେଇଥିଲେ।

### କେଡିଏଫ୍ଏ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ
### ଜିଲା ପୋଲିସ, ରଙ୍ଗବାଲିକୁମ୍ଭା ମଧ୍ୟରେ ମ୍ୟାଚ ଅମୀମାଂସିତ

କୋରାପୁଟ,୭।୮ (ଅମିତାଭ ବେହେରା)

କୋରାପୁଟ ଜିଲା ଫୁଟବଲ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଓଏସ୍ଏପି ତୃତୀୟ ବାଟାଲିୟନର ପଡ଼ିଆଠାରେ ଚାଲିଥିବା ଜିଲାସ୍ତରୀୟ କେଡିଏଫଏ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ସୋମବାର ଆୟୋଜିତ ଏକମାତ୍ର ମ୍ୟାଚରେ ଜିଲା ପୋଲିସ ଓ ରଙ୍ଗବାଲି କୁମ୍ଭା ଟିମ୍ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଛି। ଉଭୟ ଦଳ କିଏ କାହାକୁ ଗୋଲ ଦେଇ ନ ପାରିବାରୁ ମ୍ୟାଚ ଅମୀମାଂସିତ ରହିଥିବା ଜଣାପଡ଼ିଛି। ମ୍ୟାଚ ଶେଷ ସୁଦ୍ଧା ଉଭୟ ଦଳ ପରସ୍ପରକୁ କୌଣସି ଗୋଲ ଦେଇପାରି ନଥିଲେ। ଫଳରେ ମ୍ୟାଚ ଅମୀମାଂସିତ ରଖିବାକୁ ପଡ଼ିଥିଲା। ଉଭୟ ଦଳକୁ ୧-୧ ପଏଣ୍ଟ ପ୍ରଦାନ କରାଯାଇଛି। ମ୍ୟାଚ ଦେଖିବା ପାଇଁ ପଡ଼ିଆରେ ପ୍ରବଳ ଜନସମାଗମ ହୋଇଥିଲା।

### ସାଇକେଲ ଚୋରି ଅଭିଯୋଗରେ ୨ ଗିରଫ

ଜୟପୁର, ୭।୮ (ପବନ ପାଣିଗ୍ରାହୀ)

ସାଇକେଲ ଚୋରି ଅଭିଯୋଗରେ ୨ ଜଣ ଅଭିଯୁକ୍ତଙ୍କୁ ଜୟପୁର ଟାଉନଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ କୁନ୍ଦାଗିରିଗୁଡାର ବନ୍ଧୁ ମୁଦୁଲି ଓ ମଗଧୁ ପରଜା। ଜୟପୁର ଲିଙ୍ଗରାଜ ନଗରରେ ରହୁଥିବା ନମିତାରାଣୀ ସାହୁଙ୍କ ଘରୁ ୨ଟି ସାଇକେଲ ଚୋରି ହୋଇଥିଲା। ଏନେଇ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଅଧିକାରୀ ଏଏସଆଇ ଅନିଲ ନାୟକ ଉଭୟଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଚୋରି ହୋଇଥିବା ୨ଟିସାଇକେଲ ଜବତ ହୋଇଛି।

# ଚାପସିଲ ପ୍ରାଥମିକ ବିଦ୍ୟାଳୟ ୧୫ ଦିନ ହେଲା ବନ୍ଦ

କୋରାପୁଟ,୭।୮ (ଅମିତାଭ ବେହେରା)


ଫଟୋ: ବନ୍ଦ ଥିବା ବିଦ୍ୟାଳୟ।

କୋରାପୁଟ ବ୍ଲକ ଅନ୍ତର୍ଗତ ଚାପସିଲ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ଗତ ୧୫ ଦିନ ହେଲା ବନ୍ଦ ରହିଛି। ଫଳରେ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରହିଛି। ଏନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି। ଖବରରୁ ଜଣାପଡ଼ିଛି, କୋରାପୁଟ ବ୍ଲକର ପଦ୍ମପୁର ପଞ୍ଚାୟତରେ ଥିବା ଚାପସିଲ ଗ୍ରାମରେ ଜେଇଏଲସି ଦ୍ୱାରା ପରିଚାଳିତ ହେଉଥିବା ପ୍ରାଥମିକ ବିଦ୍ୟାଳୟ ଗତ ୧୫ ଦିନ ହେଲା ବନ୍ଦ ରହିଛି। ପୂର୍ବରୁ ଏହି ବିଦ୍ୟାଳୟରେ ଦୁଇ ଜଣ ଶିକ୍ଷକ ରହି ପିଲାମାନଙ୍କୁ ପାଠ ପଢ଼ାଉଥିଲେ। ଗତ ଏକ ମାସ ତଳେ ଶିକ୍ଷକ ପ୍ରଫୁଲ୍ଲ ବାଘ ଓ ଅନୁପମା ଖୋସଲାଙ୍କୁ ଜେଇଏଲସି ସ୍କୁଲ ପରିଚାଳନା କମିଟି ଡେପୁଟେଶନରେ ଅନ୍ୟ ସ୍କୁଲକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ କୌଣସି ଶିକ୍ଷକ ଯୋଗ ଦେଇ ନାହାନ୍ତି। ବିଦ୍ୟାଳୟରେ ପାଠ ପଢୁଥିବା ୩୦ ଜଣ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଗ୍ରାମର ଜଣେ ଶିକ୍ଷିତ ଯୁବକ ନିଜ ଇଚ୍ଛାରେ ବିଦ୍ୟାଳୟକୁ ଯାଇ କିଛି ସମୟ ଛାତ୍ରୀଛାତ୍ରମାନଙ୍କୁ ପାଠ ପଢ଼ାଉଥିଲେ। ଏବେ କୌଣସି କାର୍ଯ୍ୟରେ ସମ୍ପୃକ୍ତ ଯୁବକ ବାହାରକୁ ଯାଇଥିବାରୁ ଗତ ୧୫ ଦିନ ହେଲା ଏହି ବିଦ୍ୟାଳୟରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ପିଲାମାନେ ପାଠ ନ ପଢ଼ି ବାହାରେ ବୁଲୁଛନ୍ତି। ଏନେଇ ସ୍ଥାନୀୟ ଅଭିଭାବକମାନେ କହିଛନ୍ତି ଯେ, ବିଦ୍ୟାଳୟ ଏବେ ବନ୍ଦ ରହିଥିବାରୁ ଅନ୍ୟ ସ୍କୁଲରେ ପିଲାଙ୍କ ନାମ ଲେଖାଇବା ପାଇଁ ଟିସି ମଧ୍ୟ ମିଳୁନାହିଁ। ଏଠାରୁ ଶିକ୍ଷକ ବଦଳି ହେଲା

**ପାଠ ପଢ଼ା ନେଇ ଚିନ୍ତାରେ ଛାତ୍ରୀଛାତ୍ର, ଅଭିଭାବକ**

ପରେ ସ୍କୁଲଟି ବନ୍ଦ ରହିଥିବା ଚାପସିଲ ଗ୍ରାମର ବସନ୍ତ ନିଧି ଖୋସଲା କହିଛନ୍ତି। କେମିତି ବିନା ରିଲିଭରରେ ବିଦ୍ୟାଳୟର ଦୁଇଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଗଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପରିଚାଳନା କମିଟି କୌଣସି ଶିକ୍ଷକଙ୍କୁ ବଦଳି କରିବା ପୂର୍ବରୁ ଶିକ୍ଷା ବିଭାଗର ଅନୁମତି ନେବା ଉଚିତ୍ ବୋଲି ଆଲୋଚନା ହେଉଛି। ଏସମ୍ପର୍କରେ କୋରାପୁଟ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନିଙ୍କୁ ପଚାରିବାରୁ ସେ କହିଲେ, ଏହା ଶିଶୁମାନଙ୍କ ଶିକ୍ଷା ଅଧିକାରର ଉଲ୍ଲଂଘନ। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ। ମଙ୍ଗଳବାରଠାରୁ ବିଦ୍ୟାଳୟ ଖୋଲାଯାଇ ଶିକ୍ଷା ଦାନ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ବୈଠକ


ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏଇଆରଓ ଆଲୋଚନା କରୁଛନ୍ତି।

ସୁନାବେଡା, ୭।୮ (କୃତ୍ତିବାସ ପ୍ରଧାନ)

ସୁନାବେଡା ପୌର ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ସୋମବାର ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ଏକ ବୈଠକ ବିଭିନ୍ନ ରାଜନୈତିକ ଦଳକର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରଥମେ ଆସିଷ୍ଟାଣ୍ଟ ଇଲେକ୍ଟୋରାଲ ରିଟର୍ନିଂ ଅଫିସର(ଏଇଆରଓ) ନାରାୟଣ ନାୟକ ସମସ୍ତ ଦଳର ପ୍ରତିନିଧିମାନଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ ବର୍ତ୍ତମାନ ଯେଉଁ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଚାଲିଛି ସେଥିରେ ବ୍ଲକ ଲେବୁଲ ଅଫିସର୍ (ବିଏଲଓ)ମାନେ ଘରଘର ବୁଲି ଭୋଟରମାନଙ୍କ ତଥ୍ୟ ସଂଗ୍ରହ କରୁଛନ୍ତି। ଏଥିସହ ନୂଆ ଭୋଟର ପଞ୍ଜୀକରଣ, ସଂଶୋଧନ ଆଦି କାମ ଚାଲିଛି। ଏହି କାମ

**ଭୋଟର ତାଲିକା ସଂଶୋଧନ**

ଆସନ୍ତା ୨୧ ପର୍ଯ୍ୟନ୍ତ ଚାଲୁରହିବ। ସମସ୍ତ ଦଳର କର୍ମକର୍ତ୍ତାମାନେ ବିଏଲଓମାନଙ୍କୁ କାର୍ଯ୍ୟରେ ସହଯୋଗ କରିବାକୁ ନାୟକ ଅନୁରୋଧ କରିଥିଲେ। ୧୭୧ ନମ୍ବର ବୁଥର ଭୋଟର ସଂଖ୍ୟା ଅଧିକ ଥିବାରୁ ହାଉସିଂ ବୋର୍ଡ କଲୋନୀରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଏକ ନୂତନ ବୁଥ କରାଯିବାକୁ ନାୟକ ପ୍ରସ୍ତାବ ଦେଇଥିଲେ। ଏହାକୁ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ସମର୍ଥନ କରିଥିଲେ। ଏଥିରେ ବିଜେଡିର ପ୍ରତିନିଧି ଭାବେ ବିଜୟ ରାଉତ, ଭାଜପାର ଜୟରାମ ଗରଡା, କଂଗ୍ରେସର ନରେନ୍ଦ୍ର ସମାରେ ଏବଂ ଆମ ଆଦମି ପାର୍ଟିରୁ ରବୀନ୍ଦ୍ର ପାତ୍ର ଯୋଗଦେଇଥିଲେ। ଲକ୍ଷ୍ମୀଧର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# କନିଷ୍ଠରେ ସୌମ୍ୟ, ବରିଷ୍ଠ ବର୍ଗରେ ସମ୍ପୂର୍ଣ୍ଣା ପ୍ରଥମ

କୋରାପୁଟ,୭।୮ (ଅମିତାଭ ବେହେରା)

ସ୍ୱାଧୀନତା ଦିବସ ଉପଲକ୍ଷେ ସୋମବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କନିଷ୍ଠ ବିଭାଗରେ ସୌମ୍ୟ ରଞ୍ଜନ ସାଗର ଓ ବରିଷ୍ଠ ବିଭାଗରେ ସମ୍ପୂର୍ଣ୍ଣା ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସ୍ଥାନୀୟ ପୁଜାରିପୁଟସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, କବି ଜଳଧର ସ୍ୱାଇଁ, ଲେଖକ ବିଜୟ ପ୍ରଧାନ, ଶୁଭେନ୍ଦୁ ବାରିକ ଓ ପ୍ରଶାନ୍ତ ଛତର ଯୋଗ ଦେଇଥିଲେ। ଏହି ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଦୁଇଟି ବିଭାଗରେ କୋରାପୁଟ ସହରର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବିଭାଗରେ କୋରାପୁଟ ଆଦର୍ଶ ବିଦ୍ୟାଳୟ ଛାତ୍ର ସୌମ୍ୟ ରଞ୍ଜନ


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

**ସ୍ୱାଧୀନତା ଦିବସ ଉପଲକ୍ଷେ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା**

ସାଗର ପ୍ରଥମ, ଶିଶୁ ମନ୍ଦିର ବିଦ୍ୟାଳୟର ଛାତ୍ରୀ ସନ୍ତୋଷୀ ପ୍ରଧାନ ଦ୍ୱିତୀୟ, ସ୍ୱାମୀ ବିବେକାନନ୍ଦ ବିଦ୍ୟାଳୟର ଛାତ୍ରୀ ଆଲିଶା ତାରିଣି ଓ ସେନ୍ଟସ ବିଦ୍ୟାଳୟର ଛାତ୍ର ଅଶ୍ୱିନ୍ତ କୁମାର ପଣ୍ଡା ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ ବିଭାଗରେ ସ୍ୱାମୀ ବିବେକାନନ୍ଦ ବିଦ୍ୟାଳୟର ଛାତ୍ରୀ ସମ୍ପୂର୍ଣ୍ଣା ପଣ୍ଡା, କୋରାପୁଟ ରାମକୃଷ୍ଣ ବିଦ୍ୟା ମନ୍ଦିରର ଛାତ୍ରୀ ବିଶ୍ୱଲକ୍ଷ୍ମୀ ଜେଠି ଦ୍ୱିତୀୟ ଏବଂ ସ୍ୱାମୀ ବିବେକାନନ୍ଦ ବିଦ୍ୟାଳୟର ଛାତ୍ରୀ ସଂଜ୍ଞୁ ବେହେରା ଓ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ଛାତ୍ରୀ ଦାମିନି ସାହୁ ଯୁଗ୍ମ ଭାବେ ତୃତୀୟ ସ୍ଥାନ ପାଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବ।

# ଆଧ୍ୟାତ୍ମିକ ଚେତନା ମଣିଷର ସହନଶୀଳତାକୁ ବୃଦ୍ଧି କରିଥାଏ

ସେମିଲିଗୁଡା,୭।୮ (ବାସୁଦେବ ବରାଡ଼)

ସେମିଳିଗୁଡାସ୍ଥିତ ଶ୍ରୀ ଅରବିନ୍ଦ ପାଠାଗାର ପକ୍ଷରୁ ଜିଲାସ୍ତରୀୟ ପାଠଚକ୍ର ଓ ଅରବିନ୍ଦ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପୌରାଧ୍ୟକ୍ଷ ଡ .ରାଜେନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ କୃଷ୍ଣ ସିଂହ ଏବଂ ମୁଖ୍ୟବକ୍ତା ଭାବେ ସରୋଜ ପରିଡ଼ା ଯୋଗଦେଇ 'ଶ୍ରୀ ଅରବିନ୍ଦଙ୍କ ଯୋଗରେ ସାହିତ୍ୟ ହିଁ ଆଧାର' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ସସ୍ମିତା ମିଶ୍ର ଯୋଗଦେଇ ସାମୁହିକ ଯୋଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ପ୍ରଶାନ୍ତ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଡ . ଝାନସୀ ସିଂହ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ସିଂହ ଦିବ୍ୟ ପ୍ରେମ ଏବଂ ଆଧ୍ୟାତ୍ମିକ ଚେତନା ମଣିଷର ସହନଶୀଳତାକୁ ବୃଦ୍ଧି କରିଥାଏ ବୋଲି ମତ ରଖିଥିଲେ। ପାଠାଗାର ସଭାପତି କୈଳାସ ଚନ୍ଦ୍ର ପଣ୍ଡା ସ୍ୱାଗତ ସୂଚନା ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଆଧ୍ୟାତ୍ମିକ କବିତା ପାଠ ଉତ୍ସବ ହୋଇଥିଲା। ସେମିଳିଗୁଡା ଦାମନଯୋଡି,ସୁନାବେଡ଼ା,କୋରାପୁଟ, ଇନ୍ଦ୍ରାବତୀ,କୋଲାବ, ପଟାଙ୍ଗି, କୋଟପାଡରୁ ଆସିଥିବା କବିମାନେ କବିତା ପାଠ କରିଥିଲେ। ବବିତା ପାଲ, ନଳିନୀ ଦେବୀ,ଲୋପାମୁଦ୍ରା ମାଝୀ, ପ୍ରଶାନ୍ତ ସ୍ୱାଇଁ, ତାରିଣୀ ଚରଣ ପତି, ଗାୟତ୍ରୀ ପାଣିଗ୍ରାହୀ, ସ୍ନିଗ୍ଧାରାଣୀ ମିଶ୍ର, ମନୋରଞ୍ଜନ ରଥ, ନାରାୟଣ ପତି, ଧୀରବ୍ରତ ପାତ୍ର, ବିଦ୍ୟୁତ୍‌ପ୍ରଭା ରଥ, ପ୍ରବୋଧ ମଲ୍ଲିକଙ୍କ

**ଅରବିନ୍ଦ ସାହିତ୍ୟ ପରିଷଦ ପକ୍ଷରୁ ଜିଲାସ୍ତରୀୟ ପାଠଚକ୍ର**

ସମେତ ଅନ୍ୟମାନେ କବିତା ପାଠ କରିଥିଲେ। ଏହି ଅଧିବେଶନରେ ଡ.ବିଦ୍ୟୁତ୍‌ପ୍ରଭା ରଥ ସଭାପତିତ୍ୱ କରିଥିଲେ। କବିତାଗୁଡ଼ିକୁ ବିଦ୍ୟୁତ୍‌ପ୍ରଭା ରାଉତ ସମୀକ୍ଷା କରିଥିଲେ। ମମତା ସାମଲ ସଂଯୋଜନା କରିଥିଲେ। ଦେବେନ୍ଦ୍ର ମାଝୀ, ଲୋକନାଥ ଆଚାର୍ଯ୍ୟ, ଅଜୟ ଇଡ଼ିଂ, ପଦ୍ମଜା ପଣ୍ଡା, ନଳିନୀ ଦେବୀ, ବେଦପ୍ରକାଶ ଦାସ ସହଯୋଗ କରିଥିଲେ।



ଜଣେ ଅତିଥି ନିଜ ବକ୍ତବ୍ୟ ରଖୁଛନ୍ତି।

### ହତ୍ୟା ମାମଲାରେ କୋଟପାଡ ପୋଲିସ ନୀରବ
ଏସ୍‌ପିଙ୍କୁ ଜଣାଇଲେ ପରିବାର, ଗ୍ରାମବାସୀ

ଜୟପୁର, ୭।୮ (ପବନ ପାଣିଗ୍ରାହୀ)– ଏକ ହତ୍ୟା ମାମଲାରେ କୋଟପାଡ ପୋଲିସ ନୀରବ ରହିଥିବା ନେଇ ସୋମବାର କୋରାପୁଟ ଏସ୍‌ପି ଅଭିନବ ସୋନକାରଙ୍କ ନିକଟରେ ଅଭିଯୋଗ ହୋଇଛି। କୋଟପାଡ ଥାନା ଯମୁନାଗୁଡା ଗ୍ରାମବାସୀ ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏସ୍‌ପି ଅଭିଯୋଗ ଶୁଣାଣି ବେଳେ ତାଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୧୩।୭।୨୩ରେ ଗ୍ରାମର ଶିବରାମ ମାଝୀଙ୍କୁ ହତ୍ୟା କରାଯାଇଥିଲା। ଉକ୍ତ ମୃତଦେହକୁ ଜମି ଭିତରେ ଅଭିଯୁକ୍ତମାନେ ପୋତି ଦେଇଥିଲେ। ଶିବରାମଙ୍କ ବାପା ଗୁରୁ ମାଝୀ ଘଟଣା ନେଇ କୋଟପାଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରୁ ନ୍ୟାୟ ମିଳୁନାହିଁ କି ଠିକ୍ ତଦନ୍ତ ହୋଇପାରିଲାନି। ଶେଷରେ ଏନେଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ସମସ୍ତ ବିଷୟ ଶୁଣି ଏସ୍‌ପି ସୋନକାର ଏହାର ଠିକ୍ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଲାଞ୍ଚ ନେଇ ଭିଜିଲାନ୍ସରେ ଧରାପଡ଼ିବା ଘଟଣା
### ଗିରଫ ହେଲେ ଫାଣ୍ଡି ଅଧିକାରୀ

ଜୟପୁର, ୭।୮ (ପବନ ପାଣିଗ୍ରାହୀ)

ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ରବିବାର ଧରାପଡ଼ିଥିବା ଆମ୍ବାଗୁଡା ଫାଣ୍ଡି ଅଧିକାରୀ ପ୍ରଶାନ୍ତ ମହାନ୍ତିଙ୍କୁ ସୋମବାର ଗିରଫ କରାଯାଇଛି। ସେ ଏକ ମାମଲାକୁ ରଫାଦଫା କରିଦେବାକୁ ଛତ୍ରିପୁଟ ଗ୍ରାମର କୃଷ୍ଣ ଗାଦବାଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ମାମଲା ପାଇଁ ଗାଦବାଙ୍କୁ ଟଙ୍କା ଦେବାକୁ କହିବାରୁ ସେ ସମ୍ମତି ଦେଇଥିଲେ। ତାଙ୍କୁ ଏସ୍‌ଆଇ ମହାନ୍ତି ଟଙ୍କା ଧରି ଉମୁରି ନିକଟକୁ ଆସିବାକୁ କହିଥିଲେ। ଏନେଇ ଗାଦବା ଜୟପୁର ଭିଜିଲାନ୍ସରେ ଜଣାଇଥିଲେ। ତାଙ୍କଠାରୁ ଉମୁରିଠାରେ ଏସ୍‌ଆଇ ମହାନ୍ତି ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ସେଠାରେ ଜଗି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ପରେ ଭିଜିଲାନ୍ସ ପକ୍ଷରୁ ଜୟପୁର ସଦର ଥାନା, ଥାନା ପରିସରରେ ଥିବା ମହାନ୍ତିଙ୍କ କ୍ୱାର୍ଟର୍ସ ଓ ଦାମନଯୋଡି ଭଡା ଘର ଉପରେ ଚଢ଼ାଉ କରାଯାଇଥିଲା। ତାଙ୍କ ବାସଭବନରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରାଯାଇଛି।

# କଳାବ୍ୟାଜ ପିନ୍ଧି କାର୍ଯ୍ୟ କଲେ ପିଇଓ



ଦଶମନ୍ତପୁରରେ ପିଇଓମାନେ କଳାବ୍ୟାଜ ପରିଧାନ କରିଛନ୍ତି।

ଜୟପୁର/ଦଶମନ୍ତପୁର, ୭।୮ (ପବନ ପାଣିଗ୍ରାହୀ/ଅରବିନ୍ଦ ନାୟକ)

ନିଖିଳ ଉତ୍କଳ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ଜିଲା ସଂଘ ଆହ୍ୱାନକ୍ରମେ ଜୟପୁର ବ୍ଲକ ନିର୍ବାହୀ ଅଧିକାରୀ ସଂଘ ପରାମର୍ଶକ୍ରମେ ସୋମବାରଠାରୁ ଦୁଇ ଦଫା ଦାବି ପୂରଣ ନେଇ ପିଇଓମାନେ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରିଛନ୍ତି। ୧୭ ତାରିଖ ଯାଏ ଏପରି ପ୍ରତିବାଦ ଜଣାଇ କାର୍ଯ୍ୟ କରିବେ। ଯଦି ସରକାର ସେମାନଙ୍କ ତିନିଦଫା ଦାବି ପିଇଓଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଦରମା ଦେବା, ୧୦ ବର୍ଷ ପୂରଣ କରିଥିବା ପିଇଓଙ୍କୁ ଶତ ପ୍ରତିଶତ ଦରମା ଓ ଡିଜିଡିଓଙ୍କୁ ପଦୋନ୍ନତି ଦାବି ପୂରଣ ନେଇ ଆଲୋଚନା କରି ସମାଧାନ ନ କରନ୍ତି ତାହେଲେ ଆଗାମୀ ୧୮ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସେମାନେ ଧର୍ମଘଟ କରିବେ। ଦାବି ପୂରଣ ନ ହେଲେ ସମୂହ ଛୁଟିରେ ଯିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦଶମନ୍ତପୁର ବ୍ଲକରେ କାର୍ଯ୍ୟରତ ପିଇଓମାନେ ମଧ୍ୟମାନ ଦାବି ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନ କରୁଥିବା ଜଣାପଡ଼ିଛି। ଏହି ଆନ୍ଦୋଳନରେ ୧୬ଟି ପଞ୍ଚାୟତର ୬ ଜଣ ପିଇଓ ଜ୍ଞାନାଥନ ହିଆଲ, କେତନ ହାଲୱା, ଗଣେଶ କୁଳଦୀପ, ସୁଶାନ୍ତ ଶତପଥୀ, ରାଜେନ୍ଦ୍ର ପ୍ରସାଦ ପଣ୍ଡା, ରବି ତାମାବ୍ରି, ଭୋଇ ସୁଷାଇ ସାମିଲ ହୋଇଥିବା ଜଣାପଡ଼ିଛି।

# ଓମ୍‌ଫେଡର ପୂର୍ବତନ ଅବସରପ୍ରାପ୍ତ ପ୍ଲାଣ୍ଟ ମ୍ୟାନେଜର ଦଣ୍ଡିତ

ଜୟପୁର, ୭।୮ (ପବନ ପାଣିଗ୍ରାହୀ)

ଓମଫେଡର ପୂର୍ବତନ ଅବସରପ୍ରାପ୍ତ ପ୍ଲାଣ୍ଟ ମ୍ୟାନେଜର ଉମେଶ ଚନ୍ଦ୍ର ମହାପାତ୍ରଙ୍କୁ ସୋମବାର ଜୟପୁର ଭିଜିଲାନ୍ସ କୋର୍ଟ ଦଣ୍ଡିତ କରିଛି। ସେ ଅପରାଧିକ କାର୍ଯ୍ୟରେ ଲିପ୍ତ ରହି ସରକାରଙ୍କର ୧୧ ଲକ୍ଷ ଟଙ୍କା କ୍ଷତି କରଥିଲେ। ଏନେଇ ଅଭିଯୋଗ ହେବାରୁ ଭିଜିଲାନ୍ସ ମାମଲା ରୁଜୁ କରି ତଦନ୍ତ କରି ଚାର୍ଜସିଟ ଦାଖଲ କରିଥିଲା। ଏହି ମାମଲାର ଶୁଣାଣି କରି ବିଚାରପତି ଓମଫେଡର ପୂର୍ବତନ ଅବସରପ୍ରାପ୍ତ ପ୍ଲାଟ ମ୍ୟାନେଜର ମହାପାତ୍ରଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୫ ହଜାର ଟଙ୍କା ଆର୍ଥିକ ଜରିମାନା କରାଯାଇଛି। ଏହି ଅର୍ଥ ଅନାଦାୟ ହେଲେ ୨ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଦଣ୍ଡିତ ହୋଇଥିବା ମହାପାତ୍ରଙ୍କ ପେନସନ ବନ୍ଦ କରିବାକୁ ଭିଜିଲାନ୍ସ ପଦକ୍ଷେପ ନେବ ବୋଲି ଜଣାଯାଇଛି।

# ଗଞ୍ଜେଇ ବ୍ୟବସାୟୀଙ୍କୁ ସୁହାଉଛି ଗଳା ବାଟ

ପଟ୍ଟାଙ୍ଗି,୭।୮ (ଶରତ ଧଳ)

ଗଞ୍ଜେଇ ବ୍ୟବସାୟୀଙ୍କ ପାଇଁ ଏବେ ଗଳା ବାଟ ବେଶ୍ ସୁବିଧାଜନକ ହେଉଛି। ସେମାନେ ଏହି ରାସ୍ତାରେ ନିର୍ଭୟରେ ଗଞ୍ଜେଇ ଚୋରାଚାଲାଣ କରୁଛନ୍ତି। ତେବେ ସୋମବାର ଆନ୍ଧ୍ର ପୋଲିସ ହାତରେ ୨ ଜଣ ଏବଂ ତେଲେଙ୍ଗନା ପୋଲିସ ହାତରେ ୨ଜଣ ଗଞ୍ଜେଇ ବ୍ୟବସାୟୀ ଧରାପଡ଼ିଛନ୍ତି। ସେମାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

ଖବରରୁ ଜଣାପଡ଼ିଛି, କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ବସ୍ଷ୍ଟାଣ୍ଡ ଦେଇ ନୂଆଗାଁ ପଞ୍ଚାୟତକୁ ଏକ ରାସ୍ତା ସଂଯୋଗ କରିଛି। ଉକ୍ତ ରାସ୍ତାଟି ବ୍ଲକର ଶିଶାଗୁଡା ଗ୍ରାମର ଶେଷ ଭାଗରେ ବାମ ଦିଗକୁ ଯାଇ ନୂଆଗାଁ ପଞ୍ଚାୟତ ସହ କୋଟିଆ ପଞ୍ଚାୟତକୁ ଯାଇଛି। ଏହି ୨ ପଞ୍ଚାୟତକୁ ଯିବା ଲାଗି ଉକ୍ତ ରାସ୍ତା ବିଶେଷ ସୁବିଧା ହୋଇଥିବା ବେଳେ ଡାହାଣ ପାର୍ଶ୍ୱଦେଇ ଯାଇଥିବା ରାସ୍ତା କୋଟିଆ ପଞ୍ଚାୟତର ତାଡିବାଲସା ଓ ନେରିଡିବାଲସା ହୋଇ ପଡୋଶୀ ଆନ୍ଧ୍ରକୁ ସଂଯୋଗ ହୋଇଛି।


ଜବତ ଗଞ୍ଜେଇ ଏବଂ ଗିରଫ ୨ ଅଭିଯୁକ୍ତ।

**ପୋଲିସ ହାତରେ ଧରାପଡ଼ି ୪ କୋର୍ଟ ଚାଲାଣ**

ଉକ୍ତ ରାସ୍ତା ବର୍ତ୍ତମାନ ଗଞ୍ଜେଇ ମାଫିଆମାନଙ୍କ ପାଇଁ ଗଞ୍ଜେଇ ଚୋରାଚାଲାଣରେ ମୁଖ୍ୟ ରାସ୍ତା ପାଲଟିଛି। ଏହି ରାସ୍ତା ଦେଇ ସୋମବାର ପଟ୍ଟାଙ୍ଗି ଅଞ୍ଚଳର ୨ଜଣ ଗଞ୍ଜେଇ ବ୍ୟବସାୟୀ ବାଇକ୍‌ରେ ଆନ୍ଧ୍ର ରାଜ୍ୟର ସାଲୁର ଅଭିମୁଖେ ଗଞ୍ଜେଇ ନେଇ ଯାଉଥିବା ବେଳେ ପାସପେଣ୍ଡା ପୋଲିସ ହାତରେ ଧରା ପଡ଼ିଛନ୍ତି। ସମ୍ପୃକ୍ତ ବ୍ୟବସାୟୀମାନଙ୍କ ନିକଟରୁ ୨୩ କେଜି ୯୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ସେହିପରି ତେଲେଙ୍ଗାନା ରାଜ୍ୟର ଦୁଇ ଯୁବକ ଜୟପୁରରୁ ଏକ ବସ୍‌ରେ ପଟ୍ଟାଙ୍ଗି ବ୍ଲକ ହୋଇ ଜାତୀୟ ରାଜପଥ ଦେଇ ଆନ୍ଧ୍ର ଅଭିମୁଖେ ଯାଉଥିବା ବେଳେ ଉକ୍ତ ରାଜ୍ୟର ତନଖି ଫାଟକଠାରେ କନବାଲସା ପୋଲିସ ବସ୍‌କୁ ଚେକିଂ କରିଥିଲା। ଏହି ସମୟରେ ଦୁଇ ଯୁବକଙ୍କ ବ୍ୟାଗରୁ ୧୩ କେଜି ଗଞ୍ଜେଇ ଜବତ କରିଥିଲା। ଏହି ଦୁଇଜଣଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସିଆଇ ଧନୁର୍ଜୟ ରାଓ ଏବଂ ଏସଆଇ ପ୍ରୟାଗ ମୂର୍ତ୍ତି କହିଛନ୍ତି।

# ସିଡିଓ ଶୁଣିଲେ ଅଭିଯୋଗ

ଜୟପୁର, ୭।୮ (ପବନ ପାଣିଗ୍ରାହୀ)

ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଚିଫ୍ ଡେଭଲପମେଣ୍ଟ ଅଫିସର (ସିଡିଓ) ଗୌରବ ଇସଲବାର ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏଥିରେ କୋରାପୁଟ ଏସ୍‌ପି ଅଭିନବ ସୋନକାର, ଆଇଏଏସ ପ୍ରଫେସନାଲ ସୌମ୍ୟରଞ୍ଜନ ପ୍ରଧାନ, ଉପଜିଲାପାଳଙ୍କ ଦାୟିତ୍ୱରେ ଥିବା ପିଏ ଆଇଟିଡିଏ ଗୋପୀନାଥ ସାରକା, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ସିଡିଏମଓ ଅରୁଣ ପାଢ଼ୀ, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ରାଜୀବ ଦାସଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶୁଣାଣି ପାଇଁ ମୋଟ ୬୦ଟି ଅଭିଯୋଗ ଆସିଥିଲା। ସେଥିରୁ ୪୪ଟି ବ୍ୟକ୍ତିଗତ ଓ ୧୬ଟି ଗୋଷ୍ଠୀଗତ ଅଭିଯୋଗର ଶୁଣାଣି ହୋଇଥିଲା। ଶୁଣାଣିରେ ଜୟପୁର ନାଗରିକ କମିଟି ପକ୍ଷରୁ ସହରବାସୀଙ୍କ ଗମନାଗମନ ପାଇଁ ଯାନବାହନର ଅଭାବ, ଜୟପୁର



ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

ସହରଠାରୁ ଅନତି ଦୂରରେ ସରକାରୀ ଡାକ୍ତରଖାନା, ରେଳ ଷ୍ଟେଶନ, ବୈଷୟିକ ଶିକ୍ଷାନୁଷ୍ଠାନ ଫାର୍ମାସି କଲେଜ, ଇଞ୍ଜିନିୟରିଂ କଲେଜ, ଏକଲବ୍ୟ ବିଦ୍ୟାଳୟ ଆଦି ରହିଛି। ଏହିସବୁ ସ୍ଥାନକୁ ଯିବାକୁ ଛାତ୍ରୀଛାତ୍ର ଓ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଏସବୁ ସ୍ଥାନକୁ ଯିବାକୁ ହେଲେ ଅଟୋ ଉପରେ ନିର୍ଭର କରିବାକୁ ପଡୁଛି। ଅଟୋ ଚାଳକମାନେ ଅଧିକ ଟଙ୍କା ଦାବି କରୁଛନ୍ତି। ଯାହାକୁ ଦେବା ଗରିବ ଲୋକଙ୍କ ପକ୍ଷରେ ସମ୍ଭବ ହେଉନି ବୋଲି ନାଗରିକ କମିଟି ଅଭିଯୋଗରେ ଉଲ୍ଲେଖ କରିଥିଲା। ସରକାର ଶୀଘ୍ର ମୋ ବସ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଦାବି କରାଯାଇଛି। ସହରରେ ଚୋରି ବୃଦ୍ଧି ପାଉଥିବାରୁ ସିସି କ୍ୟାମେରା ଲଗାଇବାକୁ ସଭାପତି ମୀନକେତନ ଦାସ, ସମ୍ପାଦକ ଜିଭି ରାଓ, ସୁରେଶ ଦାସ ଦାବି କରିଥିଲେ। ଅନ୍ତା ସରପଞ୍ଚ ବାବୁଲା ଦିଶାରି ଅନ୍ତା ପଞ୍ଚାୟତ ଅଧୀନରେ ବିକାଶମୂଳକ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ହନୁମାନ ମନ୍ଦିରଠାରୁ ବନଗୁଡା ପକ୍କା ରାସ୍ତା ନିର୍ମାଣ କରିବା, ବନଗୁଡା ରାସ୍ତା ନିର୍ମାଣ, ୱାର୍ଡ

**ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର**

ନ. ୬ରେ ନୂତନ ଅଙ୍ଗନୱାଡ଼ି ଗୃହ ନିର୍ମାଣ କରିବାକୁ ଅନୁରୋଧ କରାଯାଇଛି। ଫାମ୍ପୁଣି ସରପଞ୍ଚ ଶିବ ଭୂମିଆ ପୂର୍ତ୍ତ ବିଭାଗ ଫାମ୍ପୁଣି ଦାମାପୁଟ ଆରଡି ରାସ୍ତା ନିର୍ମାଣ କରିବାକୁ ଖୋଳାଖୋଳି କରି ଛାଡିଦେଇଛନ୍ତି। ଫଳରେ ଲୋକେ ଯାତାୟାତ ଲାଗି ବହୁ ହଇରାଣ ହେଉଛନ୍ତି ବୋଲି କହିଥିଲେ। ଏହି ରାସ୍ତାରେ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ଆଣିବାକୁ ଆମ୍ବୁଲାନ୍ସ ଯାଇପାରୁନାହିଁ। ପ୍ରତ୍ୟହ ଉକ୍ତ ରାସ୍ତାରେ ଦୁର୍ଘଟଣାମାନ ଘଟୁଛି। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇ କିଛି ସୁଫଳ ମିଳିନି ବୋଲି ଭୂମିଆ କହିଥିଲେ। ସେହିପରି କେବିଡି ସରପଞ୍ଚ ଯଶେପ ଶିରିକା ଦୋରାଗୁଡା ଗ୍ରାମଠାରୁ ଶୁଣ୍ଠି କେବିଡି ଦେଇ ପଞ୍ଚାୟତ ଅଫିସ ପର୍ଯ୍ୟନ୍ତ ୬ କି.ମି. ରାସ୍ତା ନିର୍ମାଣ କରିବାକୁ ଦାବି କରିଥିଲେ। ଶିବିରରେ ଭତ୍ତା, ଆବାସ ଯୋଜନା ଆଦି ଅଭିଯୋଗର ମଧ୍ୟ ଶୁଣାଣି ହୋଇଥିଲା।

# ରାଷ୍ଟ୍ରୀୟ ଆଦିବାସୀ ଏକତା ସଂଘ ପକ୍ଷରୁ ବନ୍ଦ ପାଳନ

## ଜିଲାରେ ଦୋକାନ ବଜାର ଓ ଗାଡି ଚଳାଚଳ ବନ୍ଦ



ମାଲକାନଗିରିରେ ଆଦିବାସୀମାନେ ବନ୍ଦ ପାଳନ ବେଳେ ଧାରଣା ଦେଇଛନ୍ତି ।


ଚିତ୍ରକୋଣ୍ଡାରେ ବାହାରିଥିବା ରାଲି ।

ଚିତ୍ରକୋଣ୍ଡା/ପଡିଆ/ ମାଲକାନଗିରି/ କାଲିମେଳା/ ଏମ୍‌ଭି-୭୯, (କ୍ଷୀରୋଦ ବେହେରା/ଭାସ୍କର ରାଓ)/ (ଦୁର୍ଯ୍ୟୋଧନ ପାତ୍ର/ନୃସିଂହ ଚରଣ ମହାନ୍ତି)/ ଜୀନକୃଷ୍ଣ ଦାସ/ ଭିକି ବାରିକ), ୭।୮

ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ମାଲକାନଗିରି ଜିଲାରେ ସୋମବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା । ଏହାର ପ୍ରଭାବ ଜିଲାରେ ଦେଖିବାକୁ ମିଳିଥିଲା । ଜିଲା ଆଦିବାସୀ ସଂଘ ଏବଂ ମୂଳନିବାସୀ ଏକତା ସଂଘ ତରଫରୁ ସମର୍ଥନ ଜଣାଇ ଏହି ବନ୍ଦ ପାଳନ କରାଯାଇଥିଲା । ସେହିପରି ଚିତ୍ରକୋଣ୍ଡା ବ୍ଲକ ରାଷ୍ଟ୍ରୀୟ ଆଦିବାସୀ ଏକତା ସଂଘ ଦେଇଥିବା ବନ୍ଦ ଡାକରାକୁ ସୋମବାର ଚିତ୍ରକୋଣ୍ଡା ଅଞ୍ଚଳ ତଥା ସ୍ୱାଭିମାନ ଅଞ୍ଚଳବାସୀ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା । ଚିତ୍ରକୋଣ୍ଡା ସହରସ୍ଥିତ ପଞ୍ଜାବୀ ଛକ, ବାଲିମେଳା ଡ୍ୟାମ, ସ୍ୱାଭିମାନ ଅଞ୍ଚଳ ଗୁରୁପ୍ରିୟା ଓ ଗୋଜିଆଗୁଡ଼ାଠାରେ ବନ୍ଦ ପାଳନର ପ୍ରଭାବ ଦେଖିବାକୁ ମିଳିଥିଲା । ମଣିପୁରରେ ମହିଳାଙ୍କ ସହ ହୋଇଥିବା ଗଣ ବଳାତ୍କାର ଓ ନିର୍ଯାତନା ଘଟଣାକୁ ବିରୋଧ କରି ସଂଘ ଏହି ବନ୍ଦ ଡାକରା ଦେଇଥିଲା । ଚିତ୍ରକୋଣ୍ଡା ବ୍ଲକର ସମସ୍ତ ପଞ୍ଚାୟତ୍‌ରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । ଚିତ୍ରକୋଣ୍ଡା ସଦରରେ ଥିବା ପ୍ରତ୍ୟେକ ସରକାରୀ ଓ ବେସରକାରୀ ଅଫିସ, ସ୍କୁଲ,ବ୍ୟାଙ୍କ ଆଦି ସୋମବାର ବନ୍ଦ ରଖିବାକୁ ଆଦିବାସୀ ସଂଘ ପକ୍ଷରୁ ପୂର୍ବରୁ ଚିଠି କରି ନିବେଦନ କରାଯାଇଥିଲା । ବନ୍ଦ ପାଳନରେ ଜିଲା ଆଦିବାସୀ ସଂଘ ଓ ଏକତା ପରିଷଦ ସଦସ୍ୟ ଆନନ୍ଦ ପାଙ୍ଗି, କମଳୁ ହନ୍ତାଳ, ହରି ମୋହନ ଖିଲ,ପୀତାମ୍ବର ଖେମୁଡୁ, ରାଜେଶ୍ୱରୀ ଖିଲ, ବଳରାମ ଗଲରି, ସ୍ୱପ୍ନା ଖିଲ, ତ୍ରିନାଥ କିରସାନି, ଦୁଲଭ ଖିଲ, ପ୍ରହ୍ଲାଦ ଖିଲ, ଅର୍ଜୁନ ହନ୍ତାଳ, କୁଶ ପାଙ୍ଗି, ନାରାୟଣ ଖରା ଓ ବିଦେଶୀ ଗୌଡଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ । ପଡିଆ ବ୍ଲକ ଉପରେ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଦେଇଥିବା ବନ୍ଦ ଡାକରାର ପ୍ରଭାବ ପଡିଛି । ଏଥିଯୋଗୁ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ବନ୍ଦ ରହିଥିଲା । ଗାଡି ଚଳାଚଳ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ସରପଞ୍ଚ ଗଙ୍ଗା କାରାମ, ଏମଡି ଫାରୁକ, ସି.ଏଚ ରେବିଟ କୁମାର, ଏସ ଶ୍ରୀନୁଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ । ସେହିପରି କାଲିମେଳା ବ୍ଲକ ଅଞ୍ଚଳରେ ମଧ୍ୟ ବନ୍ଦର ପ୍ରଭାବରେ ଦୋକାନ ବଜାର ବନ୍ଦ ରହିଥିଲା । ଏହାର ପ୍ରଭାବ ଏମ୍‌ଭି ୭୯ରେ ମଧ୍ୟ ଦେଖିବାକୁ ମିଳିଥିବା ବେଳେ ଦୋକାନ, ଗାଡ଼ି ମୋଟର ଆଦି ବନ୍ଦକରି ଆଦିବାସୀଙ୍କୁ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା । ମୋଟୁରେ ଆଦିବାସୀ ସଙ୍ଘ ପକ୍ଷରୁ ପିକେଟିଂ କରି ପ୍ରତ୍ୟେକ ଦୋକାନ ବନ୍ଦ କରାଯାଇଥିଲା ।

## ସଂକ୍ଷେପରେ

### ୭ ଫୁଟ ଲମ୍ବର ଅଜଗର ଉଦ୍ଧାର



ବାଲିମେଳା,୭।୮ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଏନଏସିସ୍ଥିତ ୧ନଂ. ୱାର୍ଡର ମାଉସୀ ମା ମନ୍ଦିର କଲୋନୀ ରାସ୍ତା ଉପରୁ ଏକ ୭ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରାଯାଇଛି । ସାପଟି ରବିବାର ଅପରାହ୍ନରେ ରାସ୍ତା ଉପରେ ବୁଲୁଥିବା ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ସ୍ନେକ କ୍ୟାଚର ରାଜେନ୍ଦ୍ର ଖରାଙ୍କୁ ଫୋନ କରି ଡକାଇଥିଲେ । ରାଜେନ୍ଦ୍ର ପହଞ୍ଚି ଅଜଗର ସାପଟିକୁ ଧରିଥିଲେ । ଖବରପାଇ ପରେ ବନରକ୍ଷୀ ପ୍ରଶାନ୍ତ ରାଉତ ପହଞ୍ଚିଥିଲେ । ପରେ ଅଜଗରକୁ ଚିତ୍ରକୋଣ୍ଡା ଛକ ନିକଟସ୍ଥ ଘଞ୍ଚ ଜଙ୍ଗଲରେ ରାଜେନ୍ଦ୍ର ଓ ବନରକ୍ଷୀ ରାଉତ ଛାଡି ଦେଇଥିଲେ । ସୂଚନାଯୋଗ୍ୟ, ଏହି ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଥିଲା । ଶନିବାରଠାରୁ ଟିକେ ବର୍ଷାର ପରିମାର କମିବା ପରେ ଖାଦ୍ୟ ଅନ୍ୱେଷଣରେ ଅଜଗରଟି ଜନବସତି ଆଡକୁ ଚାଲି ଆସିଥିବା ଜଣାପଡିଛି ।

### ବସ୍ ତଳେ ପଶିଗଲା ବାଇକ୍, ୨ ଆହତ

ଦିଗପହଣ୍ଡି,୭।୮ (ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ବ୍ରହ୍ମପୁର ୧୭ ନଂ ରାଜ୍ୟ ରାଜପଥର ଗୋକର୍ଣ୍ଣପୁର ଆଇଟିଆଇ ଛକ ନିକଟରେ ସୋମବାର ଅପରାହ୍ନରେ ଏକ ଯାତ୍ରୀବାହୀ ବସ୍ ଏବଂ ବାଇକ ମଧ୍ୟରେ ଧକ୍କା ଲାଗିଛି । ବ୍ରହ୍ମପୁରରୁ ଦିଗପହଣ୍ଡି ଅଭିମୁଖେ ଆସୁଥିବା ବସ ଅଟକି ରହିଥିବା ବେଳେ ପଛପଟୁ ଏକ ବାଇକ ନିୟନ୍ତ୍ରଣ ହରାଇ ଧକ୍କାଦେବା ସହ ବସ ତଳେ ପଶି ଯାଇଥିଲା । ଫଳରେ ଭଞ୍ଜନଗର ଅଞ୍ଚଳର ବାଇକ ଚାଳକ ସୁଶାନ୍ତ କୁମାର ବେହେରା ଓ ଦିଗପହଣ୍ଡି ଥାନା ଓଡାସିଙ୍ଗି ଗ୍ରାମର ଝୁନୁ ସେଠୀ ଆହତ ହୋଇଛନ୍ତି ।

# ବିଏସ୍‌ଏଫ୍ ପକ୍ଷରୁ ମାଓବାଦୀ ସାମଗ୍ରୀ ଜବତ



ଜବତ ମାଓବାଦୀ ସାମଗ୍ରୀ ।

ମାଲକାନଗିରି,୭।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଳା ବ୍ଲକ ବିଏସ୍‌ଏଫ୍ ୧୪୨ ବାଟାଲିୟନ ତରଫରୁ ସୋମବାର ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରାଯାଇଛି । ବିଏସ୍‌ଏଫ୍ ୧୪୨ ବାଟାଲିୟନ ଯବାନମାନେ କାଲିମେଳା ବ୍ଲକ ଭେଜାଙ୍ଗିବାଡା ସଂରକ୍ଷିତ ଜଙ୍ଗଲରେ ସୋମବାର କୋମ୍ବିଂ ଅପରେଶନ କରିଥିଲେ । ଏହି ସମୟରେ ଆମପଦର, ଏକ୍କାନୁର, ବଡିଲୁଗୁଡା ଓ ବୃନ୍ଦାମାମୁଡି ଗ୍ରାମ ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ସାମଗ୍ରୀ ଗୋଟିଏ ସ୍ଥାନରେ ମାଟି ତଳେ ପୋତା ହୋଇଥିବା ଜାଣିବାକୁ ପାଇଥିଲେ । ଉକ୍ତ ସ୍ଥାନରୁ ଏହି ସମସ୍ତ ସାମଗ୍ରୀ ଜବତ କରିଥିଲେ । ଜବତ ସାମଗ୍ରୀ ମଧ୍ୟରୁ ଗୋଟିଏ ୩୦୩ ରାଇଫଲ୍, ୧୧ ଏସ୍‌ବିଏମ୍‌ଏଲ୍ ବାରେଲ, ଗୋଟିଏ ୩୦୩ ମାଗାଜିନ୍, ୧୫ ହାତ ଗ୍ରେନେଡ୍ ଇମ୍ପ୍ରୁଭାଇଜ୍, ଗୋଟିଏ ହ୍ୟାଣ୍ଡ ଗ୍ରେନେଡ୍ ଚାବି ସହ ତିନୋଟି କଣ୍ଟ୍ରିମେଡ୍ ଗନ୍, ୫୧ ଏମ୍‌ଏମ୍ ମୋର୍ଟାର ବୋମା, ୧୧୨ଟି ଡ୍ରିଲ୍ ବିଟ୍ (ବିଭିନ୍ନ ସାଇଜର) ଇତ୍ୟାଦି ଜବତ କରିଛନ୍ତି । ତେବେ ଆଗାମୀ ଦିନରେ ଏହି ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିବ ବୋଲି ବିଏସ୍‌ଏଫ୍ ପକ୍ଷରୁ ସୂଚନା ଦିଆଯାଇଛି ।

# ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ କାଙ୍କେର ଜିଲାରେ ଜଣେ ମାଓବାଦୀ ପୋଲିସ ନିକଟରେ ସୋମବାର ଆତ୍ମସମର୍ପଣ କରିଛନ୍ତି । ତାଙ୍କ ନାଁ ଚନ୍ଦନ ଡାରୋ । ସେ ମାଓବାଦୀ ସଂଗଠନରେ ପ୍ରାୟ ୧୫ ବର୍ଷ ଧରି ସକ୍ରିୟ ଭାବେ କାର୍ଯ୍ୟ କରୁଥିଲେ । ସେ ମାଓବାଦୀ ସଂଗଠନ କମାଣ୍ଡର ପଦବୀରେ ରହି ଅନେକ ହିଂସାକାଣ୍ଡରେ ଜଡିତ ଥିଲେ । ଛତିଶଗଡ ସମେତ ଓଡ଼ିଶାର ବରଗଡରେ ସେ କାର୍ଯ୍ୟ କରିଥିବା ବେଳେ ସେଠାରେ ଅନେକ ହିଂସାରେ ଜଡିତ ଥିଲେ ବୋଲି କହିଛନ୍ତି । ତାଙ୍କୁ ଧରିବା ଲାଗି ଛତିଶଗଡ ସରକାର ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ । ଏହି ଅବସରରେ ଏସ୍‌ପି ଦିବ୍ୟାଙ୍ଗ ପଟେଲ କହିଛନ୍ତି, ମାଓବାଦୀ ସଂଗଠନ ଛାଡି ମୁଖ୍ୟ ସ୍ରୋତକୁ ଫେରିଥିବା ମାଓବାଦୀମାନଙ୍କୁ ସରକାର ସମ୍ପୂର୍ଣ୍ଣ ସହାୟତା କରୁଛନ୍ତି । ଆତ୍ମସମର୍ପଣ କରିଥିବା ଚନ୍ଦନଙ୍କୁ ମଧ୍ୟ ପ୍ରୋତ୍ସାହନ ଭାବେ ୨୫ହଜାର ଟଙ୍କାର ଚେକ୍ ଦିଆଯାଇଛି ।


ଆତ୍ମସମର୍ପଣ କରିଥିବା ମାଓବାଦୀ ।

### କାଉଡ଼ିଆଙ୍କ ଗାଡ଼ି ଓଲଟି ୧୧ ଆହତ

ପାତ୍ରପୁର,୭।୮ (ଉମା ଚରଣ ନେପାକ)

ଗଞ୍ଜାମ ଜିଲା ଜରଡା ଥାନା ଅନ୍ତର୍ଗତ ତୁରୁବୁଡ଼ିଠାରେ କାଉଡ଼ିଆମାନଙ୍କୁ ଧରି ଯାଉଥିବା ଏକ ଗାଡ଼ି ଗାଈ ସହ ଧକ୍କା ହୋଇ ଓଲଟି ପଡ଼ିଥିଲା । ଏଥିରେ ୧୧ ଜଣ କାଉଡିଆ ଆହତ ହୋଇଛନ୍ତି । ସେମାନଙ୍କୁ ଖରିଆଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଯାଇଥିଲା । ଆହତମାନଙ୍କ ମଧ୍ୟରୁ କାମ୍ପ କୁମୁଝରି ଗ୍ରାମର ଶିବରାମ କାର୍ଜୀ, ତୁରୁବୁଡ଼ିର ସୁଧୀର କନ୍ୟାରୀ, କୃଷ୍ଣ ସାହୁ, ରଷି କନ୍ୟାରୀ, ମନୋଜ କୁମାର ସାହୁ, ଈଶ୍ୱର ସାହୁ, ବୁଲା ଶବର, ସୂର୍ଯ୍ୟ ଶବର, ଶୁଶାନ୍ତ ଗୌଡ, ୟୁର ସାହୁ ପ୍ରମୁଖଙ୍କୁ ଅଧିକ ଚିକିତ୍ସା ପାଇଁ ପାତ୍ରପୁର ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଛି ।

### ସଂଘବଦ୍ଧ ଆକ୍ରମଣ ଘଟଣା, ୩ ଗିରଫ

ପାତ୍ରପୁର, ୭।୮ (ଉମା ଚରଣ ନେପାକ):

ଜରଡା ଥାନା ଖମ୍ବାରୀଗାଁ ପଞ୍ଚାୟତ ବାବନପୁର ଗ୍ରାମରେ ଜୁଲାଇ ୧୮ରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା । ଏହି ଘଟଣାରେ ଜରଡା ଥାନା ପୋଲିସ ପୂର୍ବରୁ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଥିବା ବେଳେ ସୋମବାର ଆଉ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ପି. ନୋକେୟା, କେ. ଶେଷଗିରି ଓ କେ. ଦୀନବନ୍ଧୁ ।

# ୧୪.୭୦୦ ଲିଟର ବିଦେଶୀ ମଦ ଜବତ

## ଜଣେ କୋର୍ଟ ଚାଲାଣ

ବାଲିମେଳା,୭।୮ (ଶିବଦତ୍ତ ସାହୁ)


ଜବତ ମଦ, ଗିରଫ ଅଭିଯୁକ୍ତ ।

ମାଲକାନଗିରି ଜିଲାର ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ତଥା ଚୋରାରେ ଦେଶୀ ଓ ବୋଦେଶୀ ମଦ ବିକ୍ରି ହେଉଥିବା ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏଥିରେ ରୋକ ଲଗାଇବା ପାଇଁ ଓର୍କେଲ ପୋଲିସ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି । ତେବେ ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ବାଲିମେଳା ଛକ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ବାଲିମେଳା ସହରରେ ରହୁଥିବା ରାଜେନ୍ଦ୍ର ପ୍ରସାଦ ଜେନାଙ୍କ ପୁଅ କାର୍ତ୍ତିକ ଜେନା ନାମକ ଜଣେ ଯୁବକ ବ୍ୟାଗରେ କେତେକ ଜିନିଷ ଧରି ଯାଉଥିବା ସମୟରେ ସନ୍ଦେହ ହେବାରୁ ପୋଲିସ ତାଙ୍କୁ ଅଟକାଇ ତାଙ୍କ ବ୍ୟାଗ ଯାଞ୍ଚ କରିଥିଲେ । ଉକ୍ତ ବ୍ୟାଗ ଭିତରୁ ୧୪.୭୦୦ଲିଟରର ବିଭିନ୍ନ ପ୍ରକାର ବିଦେଶୀ ମଦ ବହାରିଥିଲା । ପୋଲିସ ମଦ ବୋଝେଇ ବ୍ୟାଗକୁ ଜବତ କରିବା ସହିତ ଘଟଣାରେ ସମ୍ପୃକ୍ତ ଥିବା ଯୁବକ କର୍ତ୍ତିକଙ୍କୁ ଗିରଫ କରିଥିଲେ । ଏନେଇ ଓର୍କେଲ ଥାନାରେ ନଂ.୨୪୯/୨୩ ମାମଲା ରୁଜୁ କରାଯାଇ ସମ୍ପୃକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ବିଶ୍ୱ ବାଣିଜ୍ୟ ଦିବସ ପାଳିତ

ମାଲକାନଗିରି ୭।୮ (ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ ବିଶ୍ୱ ବାଣିଜ୍ୟ ଦିବସ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ରଙ୍କ ସଭାପତିତ୍ୱରେ ସୋମବାର ପାଳିତ ହୋଇଛି । ଏହି ଉତ୍ସବରେ ଏପିଜି ସୂର୍ଯ୍ୟ ନାରାୟଣ ବ୍ରହ୍ମା ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବାଣିଜ୍ୟ ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ବାଣିଜ୍ୟ ସଂଘ ସଭାପତି ସୁରେଶ ସୋମାନି ମୁଖ୍ୟବକ୍ତା ଭାବେ ଯୋଗଦେଇ ମାଲକାନଗିରି ଜିଲାର ବାଣିଜ୍ୟିକ କାରବାର ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ଅତିଥି ଡ. ଉଦୟନାଥ ଖରା, ସମ୍ମାନିତ ଅତିଥି ପ୍ରାଧାପକ ଅଶୋକ ଷଡଙ୍ଗୀ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ବାଣିଜ୍ୟ ବ୍ୟବସାୟ କିପରି ଉନ୍ନତିର ସୋପାନ ପାଲଟିଥାଏ ସେନେଇ ମତ ରଖିଥିଲେ । ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଞ୍ଜନ ସ୍ୱାଇଁ ସ୍ୱାଗତ ସୂଚନା ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟାପିକା ଆରତି ଲୁଗୁନୁ ଅତିଥି ପରିଚୟ ଦେଇଥିଲେ । ଏହି ଉତ୍ସବରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରି ରଚନା,ତର୍କ ଏବଂ ସାଧାରଣ ଜ୍ଞାନରେ ଭାଗ ନେଇଥିଲେ । କୃତୀ ଛାତ୍ରୀଚାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଇତିହାସ ବିଭାଗ ମୁଖ୍ୟ ନମିତା ଦଣ୍ଡସେନା, ଦୀପ୍ତିରେଖା ମିଶ୍ର, ସ୍ନିଗ୍ଧା ସର୍ଦ୍ଦାର, ଆଦିତ୍ୟ ପାଢୀ, ଜଗନ ଦାସଙ୍କ ସହ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବି. ଗୁପ୍ତେଶ୍ୱର ରାଓ ଧନ୍ୟବାଦ ଦେଇଥିଲେ ।



ବିଶ୍ୱ ବାଣିଜ୍ୟ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

# ପୋଟେରୁ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା


ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ।

ବାଲିମେଳା,୭।୮ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ପୋଟେରୁ ଜଳ ସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ଚନ୍ଦ୍ରଶେଖର ମିଶ୍ରଙ୍କୁ ରବିବାର ସୋର୍ଲକୋଣ୍ଡା ବ୍ୟାରେଜଠାରେ ବିଭାଗୀୟ କର୍ମଚାରୀଙ୍କ ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରେ ସେଠାରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଇଂ. ମିଶ୍ରଙ୍କ କାର୍ଯ୍ୟକାଳ ମଧ୍ୟରେ ସେ କିଭଳି ଭାବେ ସମସ୍ତ କାର୍ଯ୍ୟକୁ ସୁଚାରୁ ରୁପେ ତୁଲାଇ ସମସ୍ତ କର୍ମଚାରୀଙ୍କୁ ନିଜର ବୋଲି ଭାବୁଥିଲେ ତାହା କର୍ମଚାରୀମାନେ କହିଥିଲେ । ସୋମବାର ପୀତବାସ ସେଠୀ ଅତିରିକ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ସେଠୀ କହିଛନ୍ତି, ଆଗାମୀ ଦିନରେ ଜିଲାରେ କିଭଳି ସୁଚାରୁ ରୁପେ ଜଳ ସେଚନ ହୋଇ ପାରିବ ଓ ଜିଲାରେ ଥିବା ସମସ୍ତ ଚାଷୀ ଜଳ ବ୍ୟବହାର କରିପାରିବେ ସେଥିପାଇଁ ସେ ସଦା ସର୍ବଦା ଚେଷ୍ଟିତ ରହିବେ । ଏଥି ସହିତ ପୋଟେରୁ ଜଳସେଚନ ପ୍ରକଳ୍ପର ସମସ୍ତ ଯନ୍ତ୍ରୀ ଓ କର୍ମକର୍ତ୍ତା ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ଇଂ. ମିଶ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ ।

# ବିଦ୍ୟାଳୟରେ ତାଲା ପକାଇଲେ ଦୁର୍ବୃତ୍ତ

## ବାରଣ୍ଡାରେ ପାଠ ପଢିଲେ ଛାତ୍ରୀଛାତ୍ର

ମାଲକାନଗିରି,୭।୮ (ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଗୁମୁକା ପଞ୍ଚାୟତ ଏମ୍‌ଭି ୬୪ ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରରେ କେହି ଦୁର୍ବୃତ୍ତ ତାଲା ପକାଇ ଦେଇଥିଲେ । ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୬୫ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି । ବିଳମ୍ବିତ ରାତିରେ କେହି ଆସି ଅଫିସ ରୁମ୍ ଏବଂ ଶ୍ରେଣୀଗୃହ ମୁଖ୍ୟ ଫାଟକ ତାଲାରେ ଏମ୍‌ସିଲ ଲଗାଇଛନ୍ତି । ଫଳରେ ସୋମବାର ସକାଳେ ପିଲା ସ୍କୁଲରେ ପହଞ୍ଚି ତାଲା ଝୁଲୁଥିବା ଦେଖିବାକୁ ପାଇଥିଲେ । ପରେ ପରେ ପ୍ରଧାନ ଶିକ୍ଷକ ଏବଂ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ପହଞ୍ଚିଥିଲେ । ଅଫିସ ଏବଂ ଶ୍ରେଣୀ ଗୃହ ତାଲାରେ କେହି ଦୁର୍ବୃତ୍ତ ଏମ୍‌ସିଲ ଲଗାଇ ବନ୍ଦ କରିଛନ୍ତି । ଫଳରେ ଦିନ ତମାମ ସମସ୍ତ ଛାତ୍ରୀଛାତ୍ର ବାରଣ୍ଡାରେ ପାଠ ପଢ଼ିଥିଲେ । ତେବେ ଏହି ବିଷୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ସରକାର ଗ୍ରାମବାସୀଙ୍କୁ ଜଣାଇବା ସହିତ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି । ତେବେ ଗ୍ରାମବାସୀ ଏବଂ ଏସ୍‌ଏମ୍‌ସି କମିଟି କର୍ମକର୍ତ୍ତା କହିଛନ୍ତ, ପାଚେରି ନ ଥିବାରୁ ଏଭଳି ଘଟଣା ଘଟିଛି । ସମସ୍ୟା ସମାଧାନ କରିବା ସହିତ ଆଗାମୀ ଦିନରେ ବିଦ୍ୟାଳୟରେ ପାଚେରି ନିର୍ମାଣ କରିବାକୁ ସରକାରଙ୍କ ପାଖରେ ଦାବି କରିଛନ୍ତି । ଅପରାହ୍ନରେ ଦୁଇଟି ଗ୍ରାମ କମିଟି, ଏସଏମ୍‌ସି କମିଟି,ଏବିଇଓ ସିଆରସିସି ମିଳିତ ଆଲୋଚନା କରି ତାଲା ଭାଙ୍ଗିଥିଲେ ।


ସ୍କୁଲରେ ତାଲା ପକାଇଛନ୍ତି ।

# ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ କର୍ମକର୍ତ୍ତାଙ୍କ କଳାବ୍ୟାଜ୍ ପରିଧାନ

ଚିତ୍ରକୋଣ୍ଡା,୭।୮ (କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ସଂଘ ବ୍ଲକ ସଭାପତି ରମେଶ ଆୟାର୍‌ଙ୍କ ନେତୃତ୍ୱରେ ବିଭିନ୍ନ ଦାବିନେଇ ସୋମବାର ଚିତ୍ରକୋଣ୍ଡା ବ୍ଲକ ସମୁଖରେ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏକତ୍ରିତ ହୋଇ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିଥିଲେ । ଦାବି ପୂରଣ ନିମନ୍ତେ ମାଲକାନଗିରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଚିତ୍ରକୋଣ୍ଡା ବିଡ଼ିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଦାବିଗୁଡିକ ମଧ୍ୟରେ ପ୍ରବେଶିକା ପରୀକ୍ଷା ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ ୩ ବୃଦ୍ଧି କରିବା, ଦରମାହାର ୨୧ହଜାର ୭ଶହକୁ ବୃଦ୍ଧିକରି ୩୫ହଜାର ୪ଶହ କରିବା,୧୦ବର୍ଷ ଚାକିରି ପୂରଣ କରିଥିବା ଅଧିକାରୀଙ୍କ ପାଇଁ ସ୍ୱତନ୍ତ୍ର ପଦବୀ ସୃଷ୍ଟି ସହ ଉଚ୍ଚସ୍ତରରେ ଅବସ୍ଥାପିତ କରିବା ଏବଂ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦବୀକୁ ଶତ ପ୍ରତିଶତ ପଦୋନ୍ନତି ବ୍ୟବସ୍ଥା ସହ ଓପିଆରଏସ୍ କ୍ୟାଡରରେ ଅଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ଆଦି ଦାବି ପୂରଣ ନିମନ୍ତେ ସୋମବାରରୁ କଳାବ୍ୟାଜ ପରିଧାନ କରାଯାଇଛି । ଆସନ୍ତା ୧୮ ତାରିଖ ଭିତରେ ଦାବି ପୂରଣ ନ ହେଲେ ସମୂହ ଛୁଟିରେ ଯିବାକୁ ଚେତାବନୀ ଦିଆଯାଇଛି । ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଭିତରେ ହେମନ୍ତ କୁମାର ଭୂୟାଁ, ବାଳକୃଷ୍ଣ ଦେହୁରୀ, ରାମେଶ୍ୱର ପୂଜାରୀ, ପବିତ୍ର ମୋହନ କାଟାରାକା, ମାଣିକ ହାସଦା, ସଞ୍ଜିତ ଦାଶ,ବିଜୟ ସାବତ, ସଦାଶିବ ଦୋରା ଓ ହର୍ଷିତ ଢ଼ାଲି ଓ ଅନ୍ୟ ପିଇଓ ସମୂହ କଳାବ୍ୟାଚ ପରିଧାନ କରିଥିଲେ ।


ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ କଳାବ୍ୟାଜ ପରିଧାନ କରିଛନ୍ତି ।

